ଧରିତ୍ରୀ
DHARITRI
January 15-21, 2023 ₹ 2/-

# ଛୁଟିଦିନ



## ସ୍ୱପ୍ନ

ମଣିଷର ସ୍ୱପ୍ନ ଆଉ ଏହାର ସତ୍ୟତାକୁ ନେଇ ସବୁବେଳେ ଏକ ପ୍ରଶ୍ନବାଚୀ ରହିଆସିଛି ସମସ୍ତଙ୍କ ଭିତରେ। ସ୍ୱପ୍ନ କାହିଁକି ଆସେ ଓ ଏଇ ସ୍ୱପ୍ନ ଜୀବନରେ କ'ଣ ପ୍ରଭାବ ପକାଏ ତା' ନେଇ ମନରେ ସବୁବେଳେ ରହି ଆସିଛି କୌତୁହଳ...

ପ୍ରଚ୍ଛଦ ପ୍ରସଙ୍ଗ ୩

# ହଳଦୀ ଏକ ଉପକାର ଅନେକ

ଖାଦ୍ୟର ରଙ୍ଗ ଓ ସ୍ୱାଦ ବଢାଇବାରେ ହଳଦୀର ଭୂମିକା ଯଥେଷ୍ଟ ରହିଥାଏ । ଏପରିକି ତ୍ୱଚା ଜନିତ ଅନେକ ସମସ୍ୟାରୁ ବି ହଳଦୀ ଆମକୁ ମୁକ୍ତି ଦେଇଥାଏ । ଏହାଛଡ଼ା ହଳଦୀର ଆହୁରି ମଧ୍ୟ ଅନେକ ଉପକାର ରହିଛି । ଯେମିତିକି:

* କୁହାଯାଏ, ଘରର ବାହାର କାନ୍ଥରେ ହଳଦୀରେ ରେଖା ଟାଣିଲେ ଘର ମଧ୍ୟକୁ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ ।
* ପାଞ୍ଚଟି ହଳଦୀ ଖଣ୍ଡ ଓ ଗୋଟିଏ କଏନ୍‌କୁ ଏକାଠି କରି ହଳଦିଆ କପଡ଼ାରେ ବାନ୍ଧି ଘରର ପୂଜାସ୍ଥଳୀରେ ରଖିଲେ ଆର୍ଥିକ ସମସ୍ୟା ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି ।
* କୁଣ୍ଡଳୀରେ ଗୁରୁ ଦୋଷ ଥିଲେ, ତାହାକୁ ଦୂର କରିବା ପାଇଁ ଭଗବାନ ବିଷ୍ଣୁଙ୍କୁ ପ୍ରତିଦିନ କଞ୍ଚା ହଳଦୀ ଅର୍ପଣ କଲେ ପ୍ରଭୁ କୃପା



ଲାଭ ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି ।
* ବୁଧବାର ଦିନ ମଥାରେ ହଳଦୀର ତିଳକ ଲଗାଇବା ଶୁଭ ହେବା ସହ ଏହା ମନ ଓ ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରିଥାଏ ବୋଲି କୁହାଯାଏ ।
* ଘରେ ହଳଦୀ ଗଛ ଲଗାଇବା ଦ୍ୱାରା ସୁଖଶାନ୍ତି ବୃଦ୍ଧି ହେବା ସହ ଆର୍ଥିକ ସ୍ଥିତି ସୁଦୃଢ ହୁଏ ବୋଲି ବିଶ୍ୱାସ ରହିଛି ।
* ଶୁଦ୍ଧ ଜଳରେ ଟିକେ ହଦଳୀ ମିଶାଇ ଯୁବତୀମାନେ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କଲେ ମନ ମୁତାବତ ବର ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି ।
* ଗୁରୁବାର ଦିନ କଦଳୀ ଗଛ ମୂଳରେ ହଳଦୀ ପାଣି ଛିଞ୍ଚିଲେ ବିଗିଡ଼ି ଯାଇଥିବା କାମ ପୁଣି ସୁଧୁରି ଯାଇଥାଏ ବୋଲି ବିଶ୍ୱାସ କରାଯାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୧୫-୨୧

**ମେଷ**
କର୍ମଦକ୍ଷତା ବୃଦ୍ଧି, କଳାସାହିତ୍ୟ କୃତିରୁ ପ୍ରଶଂସା, ବିବାଦୀୟ ସ୍ଥିତି ଦୂରେଇଯିବ, ନିର୍ମାଣରେ ପ୍ରତିବନ୍ଧକ, ଭ୍ରମଣ ସୁଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ସହକର୍ମୀଙ୍କ ସହାନୁଭୂତି, ସ୍ତ୍ରୀଙ୍କ ପ୍ରେରଣା, ଋଣପ୍ରାପ୍ତି ହୋଇପାରେ ॥

**ବୃଷ**
ସମସ୍ୟା ଲାଗିରହିବ, ବକେୟା ଅର୍ଥପ୍ରାପ୍ତି, କର୍ମାରମ୍ଭରେ ସଙ୍କଟ, ପରିବାରରେ ଉତ୍ତମ ବୁଝାମଣା, ପଡୋଶୀଙ୍କ ସହାନୁଭୂତି, ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା, ବ୍ୟବସାୟିକ ଉନ୍ନତି, ଯାନ୍ତ୍ରିକ ତ୍ରୁଟି, ଶୁଭଖବର ପ୍ରାପ୍ତି ।

**ମିଥୁନ**
ଦାୟିତ୍ୱ ହସ୍ତାନ୍ତର, ସମ୍ପର୍କୀୟଙ୍କ ସହଯୋଗ, ଉପଢୌକନପ୍ରାପ୍ତି, ଭ୍ରମଣରେ ବାଧା, ଗୃହାରମ୍ଭ, ବନ୍ଧୁଙ୍କ ସୁପରାମର୍ଶ, ଶାରୀରିକ ସୁସ୍ଥତା, ଅସ୍ଥିରତା ଦୂର ହେବ, ସନ୍ତାନ ହେତୁକ କଳହ, ଅର୍ଥପ୍ରାପ୍ତିରେ ବାଧା, ସାଂସ୍କୃତିକ କାର୍ଯ୍ୟାରମ୍ଭ ॥

**କର୍କଟ**
କର୍ମକ୍ଷେତ୍ରରେ ବିବାଦ, ଭ୍ରାତୃସମ୍ପର୍କରେ ଅବନତି, ଦୂରଯାତ୍ରା ସ୍ଥଗିତ ରହିବ, ବନ୍ଧୁଙ୍କ ଅପପ୍ରଚାର, ରାଜନୈତିକ ପୃଷ୍ଠପୋଷକତା, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ପାରିବାରିକ ଶାନ୍ତି, ରୋଗପୀଡା ହ୍ରାସ, ଟେନ୍ସନ୍ କମିବ ॥

**ସିଂହ**
ସ୍ୱାସ୍ଥ୍ୟହାନୀ, ଆର୍ଥିକ ଦୂରବସ୍ଥା, ଅଶୌଚ ଖବର ପାଇବେ, ଅତିଥିଙ୍କ ପାଇଁ ଅଶାନ୍ତି, କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ହତାଶାବୋଧ ଦୂରହେବ, ସାମାଜିକ ସମ୍ମାନ, ଆଶା ପୂରଣ ହେବ, ବନ୍ଧୁ ସାହାଯ୍ୟ କରିବେ, ମଧ୍ୟସ୍ଥତାରୁ ବିବାଦ ॥

**କନ୍ୟା**
ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ସାହାଯ୍ୟ, ପରୋକ୍ଷ ଶତ୍ରୁତା, ଲକ୍ଷ୍ୟ ଅପୂରଣ ରହିବ, ପାରିବାରିକ ମତାନ୍ତର, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି, ଆତ୍ମୀୟଙ୍କ ଅସହଯୋଗ, ଭ୍ରମଣଜନିତ କ୍ଳାନ୍ତିବୋଧ ।

**ତୁଳା**
ମାନସିକଦ୍ୱନ୍ଦ୍ୱ, ବିଜାତୀୟ ବନ୍ଧୁଙ୍କ ସାହାଯ୍ୟ, ବ୍ୟବସାୟିକ ସଫଳତା, ଲୋକ ସମ୍ପର୍କ କମିବ, ରାଜନୈତିକ ବିତର୍କ, ପଡୋଶୀଙ୍କ ଅପପ୍ରଚାର, ବନ୍ଧୁସମ୍ପର୍କରେ ଉନ୍ନତି, ମକଦ୍ଦମାରେ ବିଜୟ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା ॥

**ବିଛା**
ଶାରୀରିକ ସୁସ୍ଥତା, ଅର୍ଥନୈତିକ ଅଭିବୃଦ୍ଧି, ଭ୍ରାତୃସମ୍ପର୍କରେ ଉନ୍ନତି, ପାରିବାରିକ ସୌଖ୍ୟ, ଯାତ୍ରାରେ କଳହ, ସୁଯୋଗ ହରାଇବେ, ଆମୋଦପ୍ରମୋଦ ମଉକା, କର୍ମମୁଖର ହୋଇପାରନ୍ତି, ପଦମର୍ଯ୍ୟାଦା ବୃଦ୍ଧି, ଯୁକ୍ତିତର୍କରୁ ଅସମ୍ମାନ ॥

**ଧନୁ**
ଯୋଜନା ବିଗିଡ଼ିଯିବ, ବନ୍ଧୁଙ୍କ ପ୍ରତାରଣା, ଭ୍ରମଣ ସୁଯୋଗ ମିଳିବ, ପାରିବାରିକ ମତାନ୍ତର, ସମସ୍ୟା ବଢିଯିବ, ଟେନସନ୍ ବଢିଯିବ, ଠକାମିରେ ପଡିପାରନ୍ତି, ସ୍ଥାନାନ୍ତର ଅଟକି ରହିବ, ଖର୍ଚ୍ଚଭାର ବୃଦ୍ଧିରୁ ମନସ୍ତାପ ॥

**ମକର**
ମାନସିକ ପ୍ରଫୁଲ୍ଲତା, ବନ୍ଧୁଙ୍କ ସମାଦର, ପଡୋଶୀଙ୍କ ଦ୍ୱାରା ସମସ୍ୟା, ବିବାଦରେ ଫଶିଯିବେ, କଳାରୁ ସମ୍ମାନ, ପାରିବେଶିକ ଅସୁସ୍ଥତା, ଅପମାନିତ ହୋଇପାରନ୍ତି, ବିଗତଘଟଣାରୁ ବ୍ୟସ୍ତତା, ସମ୍ପର୍କ ତୁଟିଯିବ ॥

**କୁମ୍ଭ**
ଉନ୍ନତ ଚିନ୍ତା, ଉପରିସ୍ଥଙ୍କ ଅନୁକମ୍ପା, କୃତିତ୍ୱରୁ ଆନନ୍ଦ, ବିବାଦୀୟ ସ୍ଥିତି ଦୂର ହେବ, ଡାକ୍ତରଙ୍କ ପରାମର୍ଶ, ନୂତନ କାର୍ଯ୍ୟାରମ୍ଭ ବେଳେ କଳହ, ସମ୍ପର୍କୀୟଙ୍କ ସାହାଯ୍ୟ, ପରିବହନରେ ଝଗଡା, ଗବେଷଣାରେ ଅଗ୍ରଗତି ॥

**ମୀନ**
ଦୂରଦର୍ଶିତାରୁ ପ୍ରଶଂସା, ଆର୍ଥିକ ଅବନତି, ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଅପ୍ରିୟସତ୍ୟରୁ କଳହ, ଯାତ୍ରାରେ ଲକ୍ଷ୍ୟପୂରଣ, ପ୍ରକାଶନରେ ବିଳମ୍ବ, ଜମିଜମା ବିବାଦ, ଯାନବାହନରେ ତ୍ରୁଟି, ନିର୍ମାଣରେ ବାଧା, ଋଣ ପରିଶୋଧ, ଉପରିସ୍ଥଙ୍କ ତାଗିଦା ॥

# ଏସବୁ ଦିଏ ବିପଦର ପୂର୍ବ ସୂଚନା

ପ୍ରତ୍ୟେକ ମଣିଷ ତା' ଜୀବନରେ ବିଭିନ୍ନ ଘଟଣା, ଦୁର୍ଘଟଣାକୁ ସାମ୍ନା କରି ଆଗକୁ ବଢିଥାଏ । ହେଲେ ଏମିତି ବି କିଛି ଘଟଣା ରହିଛି, ଯାହା ଆମକୁ ସାମାନ୍ୟ ଲାଗୁଥିଲେ ବି ତାହା ଭବିଷ୍ୟତରେ ହେବାକୁ ଥିବା କୌଣସି ବଡ଼ ସମସ୍ୟାର ସଙ୍କେତ ଭାବେ ଆମକୁ ପୂର୍ବରୁ ସୂଚନା ଦେଇଥାଏ । ହେଲେ ଏହାକୁ ବିଶ୍ୱାସ କରିବା କିମ୍ବା ନ କରିବା ଆମ ଉପରେ ହିଁ ନିର୍ଭର କରିଥାଏ । ଯେମିତିକି: ତୁଳସୀ ଗଛ ହଠାତ୍ ଶୁଖିଯିବା । ଏହା ଆଗକୁ ପରିବାର ଉପରେ କୌଣସି ବଡ଼ ବିପତ୍ତି ଆସୁଥିବାର ସଙ୍କେତ ଦେଇଥାଏ ବୋଲି ବିଶ୍ୱାସ କରାଯାଏ । ସେହିପରି ଘରେ କୌଣସି ପୂଜାପାଠ ହେବା ସମୟରେ ବାରମ୍ବାର ବାଧା ଉପୁଜୁଥିଲେ, ଘରକୁ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରୁଛି ବୋଲି ସଙ୍କେତ ମିଳିଥାଏ । ଘରେ କୌଣସି କାରଣ ପାଇଁ ବାରମ୍ବାର କାଚ ଭାଙ୍ଗୁଥିଲେ ଆଗକୁ ଆର୍ଥିକ



ସମସ୍ୟା ଉପୁଜିବାର ଅଛି ବୋଲି ସୂଚନା ମିଳେ । ସାମାନ୍ୟ କଥାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଝଗଡ଼ା ହେବା ବି ଆର୍ଥିକ ସମସ୍ୟାର ସଙ୍କେତ ଦେଇଥାଏ ଇତ୍ୟାଦି ।

# ପାଠକୀୟ

* କେବେ ସେ ମିଳେ ବହି ଭିତରେ । ଆଉ କେବେ ଡାକବାଲା ଆସି ଦେଇଯାଏ । ନାଁ ଓ ଠିକଣା ଦେଖିଦେଲେ ସେଇ ପ୍ରିୟ ମଣିଷଟିର ମୁହଁ ଆଖି ଆଗରେ ନାଚି ଉଠେ । ଆଉ ତା'ର ରଙ୍ଗିନ ଲଫାପା ଖୋଲୁ ଖୋଲୁ ଓଠରେ ଆପେ ଚେନାଏ ହସ ବୋଳି ହୋଇଯାଏ । ସେ ହେଉଛି ଅଭିନନ୍ଦନ ପତ୍ର ବା ଗ୍ରୀଟିଂସ୍ କାର୍ଡ । ଏଭଳି ଏକ ମର୍ମସ୍ପର୍ଶୀ ବିଷୟକୁ ନେଇ ଛୁଟିଦିନରେ ପ୍ରକାଶ କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଗ୍ରୀଟିଂସ୍ କାର୍ଡ'ଟି ଏକ ହୃଦୟକୁ ଛୁଇଁଲା ଭଳି ଆଲେଖ୍ୟ ଥିଲା । 'ସୁଖ ସମୃଦ୍ଧି ଆଣିବ ନୂତନ ବର୍ଷ', 'ନୂଆ ସଂକଳ୍ପ' ଶୀର୍ଷକ ଲେଖା ଦୁଇଟିରୁ ବି ଅନେକ କଥା ଜାଣିହେଲା ।

*–ପ୍ରଭାତ ପାଣିଗ୍ରାହୀ, ନାଲ୍‌କୋ ନଗର, ଅନୁଗୋଳ*

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଗ୍ରୀଟିଂସ୍ କାର୍ଡ' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା । ଏହାକୁ ନେଇ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କର ଅନୁଭୂତି ପଢିବାର ସୁଯୋଗ ମିଳିବାରୁ ଖୁସି ଲାଗିଲା । ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା । ବିଶେଷକରି ଏଥିରେ ସ୍ଥାନିତ 'ଦୋଛକିରେ ସୋନାକ୍ଷୀ', 'ଅବସର ମିଳିଲେ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା ।

*– ଶୁଭାଶିଷ ଦାଶ, ପାଣିକୋଇଲି, ଯାଜପୁର*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଚିତ୍ରଶିଳ୍ପୀ ଡ. ସସ୍ମିତା କମିଳାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । ସୃଜନ ପୃଷ୍ଠାରେ ସ୍ଥାନିତ ନୂଆବର୍ଷ ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା । ଅନ୍ୟପକ୍ଷେ 'ନୂଆବର୍ଷ ଏକ ଅଲେଖା ପୃଷ୍ଠା', 'ନୂଆବର୍ଷ' ଶୀର୍ଷକ କବିତା ଦୁଇଟି ବି ମନଛୁଆଁ ଲାଗୁଥିଲା । ନୂଆବର୍ଷ ପାଇଁ ଛୁଟିଦିନରେ ସ୍ୱତନ୍ତ୍ର ଭାବେ ପ୍ରକାଶ ପାଇଥିବା କ୍ୟାଲେଣ୍ଡରଟି ବେଶ୍ ଆକର୍ଷଣୀୟ ହୋଇଥିଲା ।

*– ସୁରେଶ ସାହୁ, ଫୁଲନଖରା, କଟକ*

* ଗାୟକ ବିଜୟରାମ ତ୍ରିପାଠୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଯେତିକି ମନଛୁଆଁ ଥିଲା ସେତିକି ହୃଦୟସ୍ପର୍ଶୀ ଥିଲା । ସେହିପରି ସାଥୀର ଉତ୍ତର ବେଶ୍ ରୋମାଣ୍ଟିକ୍ ବି ହୋଇଥିଲା । ନଡ଼ା କାରିଗରୀ ପ୍ରଦୀପ୍ତ କୁମାର ନାୟକଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ଆଗକୁ ବଢିବାକୁ ପ୍ରେରଣା ଦେଲା । ଅନ୍ୟପକ୍ଷେ ପ୍ରେମାନନ୍ଦ ବାରିକଙ୍କ କଳାକୃତି ଭରା ଜୀବନଶୈଳୀ ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା । ମଡେଲ୍ ମିରର୍‌ରେ ସୁମନ୍ ବେଶ୍ ସୁନ୍ଦରୀ ଲାଗୁଥିଲେ ।

*– ଖୁସି, ମାମାଲି, ବାଣୀବିହାର, ଭୁବନେଶ୍ୱର*

* ବିବିଧା ପୃଷ୍ଠାରେ ସ୍ଥାନିତ 'ଘଣ୍ଟାର କଥା', 'ବକ୍ର ମନ୍ଦିର' ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ରକ୍ତରେ ଚିତ୍ର', 'ମେକ୍‌ଅପ ଇଲ୍ୟୁଜନ', 'ମୃତ କୀଟପତଙ୍ଗଙ୍କୁ ଦିଅନ୍ତି ପରୀର ରୂପ' ଆଦି ପାଠଗୁଡ଼ିକ ଉପସ୍ଥାପନା ଶୈଳୀ ବେଶ୍ ଆଶ୍ଚର୍ଯ୍ୟକର ଥିଲା । ସେହିପରି ଏଥରର ବ୍ୟଙ୍ଗ 'ଆପଣା ଖୁସି ପାଇଁ' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା ।

*– ଅଭିନାଶ ମହାନ୍ତି, ସୋର, ବାଲେଶ୍ୱର*

## ବିଶେଷ ଚିଠି




ନୂଆବର୍ଷରେ ଗ୍ରୀଟିଂସ୍ କାର୍ଡ
ବିଷୟରେ ଅନେକ କଥା ଜାଣିଲି,
ସେଥିପାଇଁ ତୁମକୁ ଛୁଟିଦିନ
ବିଶେଷ ଧନ୍ୟବାଦ ପ୍ରଦାନ କଲି ।
ଏହିଭଳି ରୋଚକପୂର୍ଣ୍ଣ ପ୍ରଚ୍ଛଦ
ତୁମେ ସବୁବେଳେ ନେଇଆସ,
ସବୁରି ମନରେ ଭରିଦିଅ
ସ୍ନେହମମତାର ଅପୂର୍ବ ପରସ ।

*– ମମତା ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ–୨*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ସ୍ୱପ୍ନ



**ସାଧାରଣରେ କୁହାଯାଏ, ଯାହା ଆମେ ଚିନ୍ତାକରୁ କିମ୍ବା ମନ ଭିତରେ ଯେଉଁ କଥାକୁ ନେଇ ସବୁବେଳେ ଭାବୁଥାଉ ତାହା ହିଁ ସ୍ୱପ୍ନ ମାଧ୍ୟମରେ ଆମେ ଦେଖିଥାଉ। କିନ୍ତୁ ଏହା କେତେ ଦୂର ସତ ତାହା କଳନା କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ସେହିପରି ସ୍ୱପ୍ନକୁ ନେଇ ଏମିତି କିଛି ରୋଚକ କଥା ରହିଛି, ଯାହା ଅବିଶ୍ୱସନୀୟ ଲାଗିଲେ ବି ସତ ବୋଲି ଅନେକେ ମାନିଥା'ନ୍ତି...**





**⁕ସ୍ୱପ୍ନ କେତେ ମନେରହେ:** ଆମର ସଚେତନ ମସ୍ତିଷ୍କ ଯାହା ସବୁ ଦେଖିଥାଏ ଶୋଇବାବେଳେ ସେଇସବୁ ଜିନିଷ ଅବଚେତନ ମସ୍ତିଷ୍କରେ ସ୍ୱପ୍ନ ଆକାରରେ ଆମକୁ ଦେଖାଯାଇଥାଏ। ଏହିସବୁ ସ୍ୱପ୍ନ କେବେ ମନେରହେ ତ କେବେ ଉଠିବାର କିଛି ସମୟ ପରେ ମନରୁ କୁଆଡେ ଉଭେଇଯାଏ। ତେବେ ଏକ ସର୍ବେକ୍ଷଣ ଅନୁଯାୟୀ, ଉଠିବାର ମାତ୍ର ୫ ମିନିଟ୍ ଭିତରେ ଜଣେ ବ୍ୟକ୍ତି ସ୍ୱପ୍ନରେ କ'ଣ ଦେଖିଛି ତାହାର ୫୦% ଭୁଲିଯାଇଥାଏ ଏବଂ ୧୦ ମିନିଟ୍ ପରେ ୯୦% ପ୍ରତିଶତ ଭୁଲିଯାଏ। ନ୍ୟୁରୋଲୋଜିଷ୍ଟଙ୍କ ମତରେ, ଆମେ ଦେଖୁଥିବା ସ୍ୱପ୍ନ ଆମ ଭିତରେ ଦବି ରହିଥିବା କିଛି ବିଚାରକୁ ପ୍ରତିନିଧିତ୍ୱ କରିଥାଏ ; ସେଥିପାଇଁ ଆମ ମସ୍ତିଷ୍କ ସେଥିରୁ ଶୀଘ୍ର ମୁକୁଳିବାକୁ ଚାହିଁଥାଏ। ତେଣୁ ଆମେ ଯେତେବେଳେ ନିଦରୁ ଉଠୁ ମସ୍ତିଷ୍କ ସକ୍ରିୟ ହୋଇ ଆମ ଚାରିପଟେ ଘଟୁଥିବା ଘଟଣାକୁ ନେଇ ଚିନ୍ତା କରିବାକୁ ଲାଗେ। ଯଦ୍ୱାରା ଶୋଇବା ଅବସ୍ଥାରେ ଆମେ ଯାହା ସ୍ୱପ୍ନ ଦେଖିଥାଉ ତାକୁ ଆଉ ପରେ ମନେ ପକାଇପାରୁନା। ଫଳରେ ସେସବୁକୁ ଆମେ ଭୁଲିଯାଉ।

**⁕ ସ୍ୱପ୍ନ ବି ସତ ହୁଏ:** ଅନେକଙ୍କର ଧାରଣା ରହିଛି ଯେ, ନିଦରେ ଦେଖୁଥିବା ସ୍ୱପ୍ନ କେବେ ବି ସତ ହୁଏନି। କିନ୍ତୁ ଏହାକୁ ଭୁଲ୍ ପ୍ରମାଣିତ କରିଦେଇଛି ଇତିହାସରେ ଘଟିଯାଇଥିବା କେତେକ ରୋଚକ ଘଟଣା। ଅର୍ଥାତ୍ କିଛି ଲୋକ ଦେଖିଥିବା ସ୍ୱପ୍ନ ପରେ ସତ ବୋଲି ପ୍ରମାଣିତ ହୋଇଯାଇଛି। ଯେମିତିକି:

– ସୂଚନାନୁଯାୟୀ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କୁ ସ୍ୱପ୍ନରେ ହିଁ ଜଣାପଡିଯାଇଥିଲା ଯେ, ତାଙ୍କ ମୃତ୍ୟୁ କେମିତି ହେବ ବୋଲି।

– ୧୧ ସେପ୍ଟେମ୍ବର ୨୦୦୧ରେ ଘଟି ଯାଇଥିବା ଦୁଃଖଦପୂର୍ଣ୍ଣ ଘଟଣାକୁ ଭୁଲିବା ଏତେ ସହଜ ନୁହେଁ। ଏହି ଦିନ ଦୁନିଆର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକା ଉପରେ ଘାତକ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଆତଙ୍କବାଦୀମାନେ ଆମେରିକାର ନ୍ୟୁୟର୍କରେ ଥିବା ୱାର୍ଲ୍ଡ ଟ୍ରେଡ୍ ସେଣ୍ଟରକୁ ଆକ୍ରମଣ କରି ଏହିଦିନ ଭାଙ୍ଗି ଦେଇଥିଲେ। ଏହି ଦୁର୍ଘଟଣାରେ ହଜାର ହଜାର ଲୋକଙ୍କର ଜୀବନ ଯାଇଥିଲା। ତେବେ ଶୁଣିବାକୁ ମିଳେ, ଉକ୍ତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କେତେଜଣ ଲୋକ ପୂର୍ବରୁ ସେମାନଙ୍କ ସ୍ୱପ୍ନରେ ଦେଖିସାରିଥିଲେ ଯେ, ତାଙ୍କ ମୃତ୍ୟୁ ଏମିତି ଏକ ଦୁର୍ଘଟଣାରେ ହେବ ବୋଲି।

**⁕ଦୃଷ୍ଟିହୀନ ଲୋକ ବି ଦେଖିଥା'ନ୍ତି ସ୍ୱପ୍ନ:** ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ ; କିନ୍ତୁ ଏହା ପଛରେ ବି ସତ୍ୟତା ରହିଛି। ଯେଉଁ ବ୍ୟକ୍ତିମାନେ ଜନ୍ମ ପରେ କୌଣସି କାରଣ ପାଇଁ ନିଜର ଦୃଷ୍ଟିଶକ୍ତି ହରାଇ ବସିଥାନ୍ତି, ସେମାନଙ୍କୁ ବି ବେଳେବେଳେ ନିଦରେ ସ୍ୱପ୍ନ ଆସିଥାଏ। ଆଉ ସେହି ସ୍ୱପ୍ନରେ ସେମାନେ କୌଣସି ଛବି ହେଉ କିମ୍ବା କାହାର ଚେହେରାକୁ ବି ଦେଖିପାରନ୍ତି। ଅନ୍ୟପକ୍ଷେ ଯେଉଁମାନେ ଜନ୍ମରୁ ଦୃଷ୍ଟିହୀନ ସେମାନେ ତାଙ୍କ ସ୍ୱପ୍ନରେ କାହାର ଚେହେରା କି ଛବି ଦେଖିପାରନ୍ତି ନାହିଁ। କିନ୍ତୁ ସେମାନେ କାହାର ସ୍ୱର ହେଉ କି ଶବ୍ଦ ଶୁଣିପାରନ୍ତି, ବାସ୍ନା ବାରିପାରନ୍ତି, କାହାକୁ ଛୁଇଁକି ତା'ର ଉପସ୍ଥିତିକୁ ଅନୁଭବ କରିପାରନ୍ତି। ଏପରିକି କାହା ମନର ଭାବନାକୁ ମଧ୍ୟ ସେମାନେ ସ୍ୱପ୍ନରେ ଅନୁଭବ କରିପାରନ୍ତି।

**⁕ ଜୀବଜନ୍ତୁ ବି ଦେଖିଥାନ୍ତି ସ୍ୱପ୍ନ:** ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଜୀବଜନ୍ତୁ ବି ଶୋଇବା ସମୟରେ କେବେ କେବେ ସ୍ୱପ୍ନ ଦେଖିଥା'ନ୍ତି। ବିଶେଷ କରି ପାଳିତ କୁକୁର, ବିଲେଇଙ୍କୁ ଲକ୍ଷ୍ୟ କଲେ ଏହା ଜାଣିହୁଏ। ଶୋଇବା ସମୟରେ ସେମାନଙ୍କ ଗୋଡ଼ ବାରମ୍ବାର ହଲୁଥିଲେ କିମ୍ବା ନିଦରେ ଥାଇ ବି ମଝିରେ ମଝିରେ ସେମାନେ ବୋବାଉଥିଲେ, ଅନୁମାନ କରିନେବେ ଯେ, ସେମାନେ ଏବେ ସ୍ୱପ୍ନ ଦେଖୁଛନ୍ତି ବୋଲି।

**⁕ ପରିଚିତ ଚେହେରାକୁ ନେଇ ସ୍ୱପ୍ନ ଦେଖିବା:** ସ୍ୱପ୍ନରେ ଆମେ ବେଳେବେଳେ କିଛି ଚେହେରାକୁ ଦେଖିଥାଉ, ସେଥିରୁ କିଛି କିଛି ଚେହେରା ଆମକୁ ଚିହ୍ନା







ଲାଗେ ତ ଆଉ କିଛି ଚେହେରା ଅଚିହ୍ନା ଲାଗେ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ସ୍ୱପ୍ନରେ କେବେ ବି ଅଚିହ୍ନା ଚେହେରାକୁ ଦେଖିବା ସମ୍ଭବ ନୁହେଁ। ଯେଉଁ ଚେହେରା ଆମକୁ ଅଚିହ୍ନା ଲାଗେ, ସେମାନଙ୍କୁ ଆମେ କେଉଁଠି ନା କେଉଁଠି ଦେଖିଛେ। ସିଏ ବଜାରଘାଟରେ ହେଉ ଅବା ରାସ୍ତା ପାରି ହେଲାବେଳେ ହେଉ। କ୍ଷଣିକ ପାଇଁ ହେଉନା କାହିଁକି ତାଙ୍କ ମୁହଁ ଉପରେ ଆମ ନଜର ପଡିଛି କିନ୍ତୁ ଆମ ମସ୍ତିଷ୍କ ତାଙ୍କ ମୁହଁକୁ ମନେରଖିପାରିନି। ଯେଉଁଥିପାଇଁ ସ୍ୱପ୍ନରେ ସେ ମୁହଁ ଆମକୁ ଦେଖାଯିବାରୁ ଆମେ ତାହାକୁ ମନେପକାଇ ପାରୁନା।

**✲ ପୁରୁଷ ଓ ମହିଳା ଅଲଗା ସ୍ୱପ୍ନ ଦେଖନ୍ତି:** ତଥ୍ୟ ଅନୁଯାୟୀ, ପୁରୁଷମାନେ ସେମାନଙ୍କ ସ୍ୱପ୍ନରେ ପ୍ରାୟ ୭୦% ଅନ୍ୟ ପୁରୁଷଙ୍କୁ ହିଁ ଦେଖିଥାନ୍ତି। କିନ୍ତୁ ମହିଳାଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଏ। ମହିଳାମାନେ ସ୍ୱପ୍ନରେ ସମପରିମାଣରେ ପୁରୁଷ ଓ ମହିଳାଙ୍କୁ ଦେଖିଥାନ୍ତି। ସେହିପରି ମହିଳାଙ୍କ ତୁଳନାରେ ପୁରୁଷଙ୍କୁ ଅଧିକ ଆକ୍ରମଣାତ୍ମକ ସ୍ୱପ୍ନ ଆସୁଥିବାବେଳେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କୁ ପ୍ରାୟତଃ ପ୍ରେମ, ଭଲପାଇବା ସମ୍ପର୍କିତ ସ୍ୱପ୍ନ ଆସିଥାଏ।

**✲ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ସ୍ୱପ୍ନ:** ସ୍ୱପ୍ନ ଦେଖିବା ମଣିଷର କେବେଠାରୁ ଆରମ୍ଭ ହେଲା ତାହା ଠିକ୍ ଭାବେ କେହି କହିପାରିବେ ନାହିଁ। ହେଲେ ଏକଥା ସତ ଯେ, ଟିଭି ଆସିବା ପୂର୍ବରୁ ବି ଲୋକେ ନିଦରେ ସ୍ୱପ୍ନ ଦେଖୁଥିଲେ। ଆଉ ସେହି ସ୍ୱପ୍ନ ମଧ୍ୟ ବେଶ୍ ରଙ୍ଗିନ ରହୁଥିଲା। ହେଲେ ଯେବେଠାରୁ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଟିଭି ଆସିଲା, ସେବେଠାରୁ କୁଆଡ଼େ ଅଧିକାଂଶ ଲୋକଙ୍କୁ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ସ୍ୱପ୍ନ ଆସୁଥିଲା ବୋଲି ସୂଚନା ରହିଛି। ଏକଥା ଶୁଣିବା ହୁଏତ ଅନେକଙ୍କୁ ଜୋକ୍ ପରି ଲାଗୁଥାଇ ପାରେ କିନ୍ତୁ ଏହା ପଛରେ ସତ୍ୟତା ରହିଛି ବୋଲି ଅନେକେ ମତ ଦେଇଥା'ନ୍ତି।

**✲ ସ୍ୱପ୍ନ ଦେଖିଲା ବେଳେ କ'ଣ କରିପାରିବେ ନାହିଁ:** ଯେଉଁ ସମୟରେ ବ୍ୟକ୍ତି ଜଣଙ୍କ ସ୍ୱପ୍ନ ଦେଖୁଥିବେ, ସେହି ସମୟରେ ସିଏ ଆଦୌ ଘୁଙ୍ଗୁଡ଼ି ମାରି ପାରିବେ ନାହିଁ। ଅନ୍ୟପକ୍ଷେ ବ୍ୟକ୍ତି ଜଣଙ୍କ ଯେତେବେଳେ ଘୁଙ୍ଗୁଡ଼ି ମାରି ଶୋଉଥିବେ, ସେତେବେଳେ ତାଙ୍କୁ କୌଣସି ସ୍ୱପ୍ନ ମଧ୍ୟ ଆସିବ ନାହିଁ। ସେହିପରି ସ୍ୱପ୍ନରେ କିଛି ବି ପଢିବା ମଧ୍ୟ କଷ୍ଟଦାୟକ ହୋଇଥାଏ। କେବଳ ସେତିକି ନୁହେଁ, ସ୍ୱପ୍ନ ଦେଖିବାବେଳେ ଠିକ୍ ସମୟ କେତେ ହୋଇଛି ବୋଲି ମଧ୍ୟ କେହି କହିପାରିବେ ନାହିଁ। ସ୍ୱପ୍ନ ଯେତେଥର ଦେଖୁଥିବେ, ସେମାନଙ୍କୁ ପ୍ରତିଥର ଅଲଗା ଅଲଗା ସମୟ ଦେଖାଯାଉଥିବ ବୋଲି ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଇଥାନ୍ତି।

**✲ ଗୋଟିଏ ରାତିରେ କେତେଥର ସ୍ୱପ୍ନ:** ଏକ ସର୍ବେକ୍ଷଣ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ଗୋଟିଏ ରାତିରେ ଅତି କମ୍‌ରେ ଗୋଟିଏ ସ୍ୱପ୍ନ ଆସିପାରେ ; ତାହା ପୁଣି ସବୁଦିନ ନୁହେଁ। ହେଲେ ବେଳେବେଳେ କୌଣସି ବ୍ୟକ୍ତିଙ୍କୁ ୪ରୁ ୭ଟି ଭିନ୍ନ ଭିନ୍ନ ସ୍ୱପ୍ନ ବି ଆସିଥାଏ। କିନ୍ତୁ ନିଦ ଭାଙ୍ଗିବା ପରେ ତାଙ୍କର କିଛି ବି ମନେ ନ ଥାଏ। ଅତି ବେଶି ହେଲେ ଶେଷରେ ଦେଖିଥିବା ସ୍ୱପ୍ନର କିଛି କିଛି କଥା ତାଙ୍କର ମନେ ଥାଇପାରେ।

**✲ ଗର୍ଭବତୀ ଦେଖନ୍ତି ଅଧିକ ସ୍ୱପ୍ନ:** ଅନ୍ୟ ବ୍ୟକ୍ତିଙ୍କ ତୁଳନାରେ ଗର୍ଭବତୀ ମହିଳାଙ୍କୁ ଅଧିକ ସ୍ୱପ୍ନ ଆସିଥାଏ। ଏହି ସମୟରେ ସେମାନଙ୍କ ଭିତରେ ହେଉଥିବା ହର୍ମୋନ୍ ପରିବର୍ତ୍ତନ ପାଇଁ ଏପରି ଘଟିଥାଏ ବୋଲି ବିଶ୍ୱାସ କରାଯାଏ।

**✲ଲ୍ୟୁସିଡ୍ ଡ୍ରିମ୍:** ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏମିତି ବି କେତେଜଣ ଲୋକ ଅଛନ୍ତି, ଯେଉଁମାନେ ନିଜ ହିସାବରେ ସ୍ୱପ୍ନ ଦେଖିଥା'ନ୍ତି। ଆଉ ନିଦରୁ ଉଠିଲା ପରେ ବି ସେମାନେ ସ୍ୱପ୍ନକୁ ପୂରା ମନେ ମଧ୍ୟ ରଖିଥା'ନ୍ତି। କେବଳ ସେତିକି ନୁହେଁ ସ୍ୱପ୍ନରେ ଆସୁଥିବା ଲୋକମାନଙ୍କ ସହ ସେମାନେ ଯାହାବି କଥା ହୋଇଥାନ୍ତି, ସେସବୁ ସେମାନଙ୍କର ମନେଥାଏ। ପ୍ରକୃତପକ୍ଷେ ଏହା କୌଣସି ଚମତ୍କାର ନୁହେଁ, ବିଜ୍ଞାନରେ ଏହାକୁ ଲ୍ୟୁସିଡ୍ ଡ୍ରିମ୍ ବୋଲି କୁହାଯାଇଥାଏ। ଏହି ସ୍ୱପ୍ନ ସେହିମାନଙ୍କୁ ଆସିଥାଏ, ଯେଉଁମାନେ ଏକ ସ୍ୱତନ୍ତ୍ର ଧରଣର ମସ୍ତିଷ୍କ ରୋଗରେ ପୀଡ଼ିତ ଥା'ନ୍ତି। ତଥ୍ୟ ଅନୁଯାୟୀ, ଆମେରିକାରେ ଏହି ଧରଣର ଲୋକ ଟିକେ ଅଧିକ ଦେଖାଯାଇଥା'ନ୍ତି।

**✲ ସ୍ୱପ୍ନ ଦେଖିବାର ନିଶା:** ଏମିତି ବି କେତେଜଣ ଲୋକ ଅଛନ୍ତି, ଯେଉଁମାନଙ୍କୁ ସ୍ୱପ୍ନ ଦେଖିବାକୁ ବହୁତ ଭଲ ଲାଗେ। ସେମାନେ ସ୍ୱପ୍ନ ଦୁନିଆରୁ କେବେ ବି ବାହାରିବାକୁ ଚାହାନ୍ତି ନାହିଁ। ସେଥିପାଇଁ ସେମାନେ ବେଶି ସମୟ ଶୋଇଥା'ନ୍ତି, ଏପରି କି ଦିନବେଳା ବି ସେମାନେ ଶୋଇବାକୁ ପସନ୍ଦ କରିଥା'ନ୍ତି। ବେଳେବେଳେ ସେମାନେ ଶୋଇକି ସ୍ୱପ୍ନ ଦେଖିବା ପାଇଁ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟର ବ୍ୟବହାର ମଧ୍ୟ କରିଥା'ନ୍ତି ବୋଲି ଏକ ସର୍ବେକ୍ଷଣରୁ ଜଣାପଡ଼ିଛି।





### ସ୍ୱପ୍ନରେ ଭଗବାନ

ସ୍ୱପ୍ନରେ ତ ଅନେକ କଥା ଆମେ ଦେଖିଥାଉ। ବେଳେବେଳେ ଆମ ସ୍ୱପ୍ନରେ କିଛି ଐଶ୍ୱରିକ ଶକ୍ତି ହେଉ ଅବା କୌଣସି ଦେବଦେବୀଙ୍କର ପ୍ରତିମା ମଧ୍ୟ ଦେଖିଥାଉ। ପ୍ରାୟତଃ ଦେଖାଯାଏ ଯେ, ଆମେ ଯାହା ସ୍ୱପ୍ନ ଦେଖିଥାଉ ନିଦରୁ ଉଠିଲା ପରେ ସେସବୁ ପ୍ରାୟତଃ ଭୁଲି ଯାଇଥାଉ। କିନ୍ତୁ ଯେତେବେଳେ ଆମେ କୌଣସି ଐଶ୍ୱରିକ ଶକ୍ତି ବିଷୟରେ ଦେଖିଥାଉ, ସେଥିରୁ କିଛି କିଛି ଆମର ମନେଥାଏ। ଏହା ବି କିଛିଟା ସଙ୍କେତ ଦେଇଥାଏ ବୋଲି ସ୍ୱପ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଯେମିତିକି:

– ସ୍ୱପ୍ନରେ ମା' ଦୁର୍ଗାଙ୍କୁ ନାଲି ରଙ୍ଗର ବସ୍ତ୍ରରେ ଦେଖିଲେ ଆଗକୁ କିଛି ଶୁଭ ହେବାକୁ ଯାଉଛି ବୋଲି ସଙ୍କେତ ମିଳିଥାଏ। କିନ୍ତୁ ଯଦି ମା' ରାଗିକି ଆପଣଙ୍କୁ ଚାହିଁଥିବାର ସ୍ୱପ୍ନ ଦେଖନ୍ତି, ତା'ହେଲେ ଏହା ସମସ୍ୟା ଆସୁଥିବାର ସୂଚନା ଦିଏ।

– ଭଗବାନ ରାମଙ୍କ ସ୍ୱପ୍ନ ଜୀବନରେ ଉନ୍ନତି ଆଣିଥାଏ।

– ଭଗବାନ ଶ୍ରୀକୃଷ୍ଣଙ୍କ ସ୍ୱପ୍ନ ଜୀବନରେ ପ୍ରେମ ଭରିବାର ସଙ୍କେତ ଦେଇଥାଏ। ତା'ସହିତ ସଫଳତା ମିଳିବାର ସୂଚନା ବି ମିଳିଥାଏ।

– ମା' ଲକ୍ଷ୍ମୀ ପ୍ରସନ୍ନତାଭରା ଦୃଷ୍ଟିରେ ଚାହୁଁଥିବାର ସ୍ୱପ୍ନ ଧନପ୍ରାପ୍ତିର ସଙ୍କେତ ଦିଏ।

– ଭଗବାନ ବିଷ୍ଣୁଙ୍କର ସ୍ୱପ୍ନ ଦେଖିବା ସର୍ବଦା ଶୁଭଫଳ ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି।

### ସ୍ୱପ୍ନରେ ଫୁଲ

ବେଳେବେଳେ ଫୁଲକୁ ନେଇ ବି ସ୍ୱପ୍ନ ଆମକୁ ଆସିଥାଏ। ତେବେ ସ୍ୱପ୍ନ ଶାସ୍ତ୍ର ଅନୁସାରେ, କେଉଁ ଫୁଲର ସ୍ୱପ୍ନ କି ସଙ୍କେତ ଦେଇଥାଏ ଆସନ୍ତୁ ଜାଣିବା:

**–ଗୋଲାପ:** ପ୍ରେମର ପ୍ରତୀକ କୁହାଯାଉଥିବା ଗୋଲାପଫୁଲର ସ୍ୱପ୍ନ ଦେଖିବାର ଅର୍ଥ ହେଉଛି ଆଗକୁ ଜୀବନରେ ପ୍ରେମର ରଙ୍ଗ ଭରିବାକୁ ଯାଉଛି। ବହୁତ ଭଲ ପାଉଥିବା ଜଣେ ମଣିଷ ଜୀବନକୁ ସୁନ୍ଦର କରିବାକୁ ଆସିବେ। ଆଉ ଯଦି ଆପଣଙ୍କ ଜୀବନରେ ଆଗରୁ ସାଥୀଟିଏ ଅଛନ୍ତି ଓ ଆପଣ ଏହି ସ୍ୱପ୍ନ ଦେଖୁଛନ୍ତି ତେବେ ତା'ର ଅର୍ଥ ହେଉଛି ଆପଣଙ୍କୁ ତାଙ୍କଠାରୁ ଅଧିକ ପ୍ରେମ ଓ ମାନସମ୍ମାନ ମିଳିବ।

**–ପଦ୍ମ:** ସ୍ୱପ୍ନରେ ପଦ୍ମଫୁଲ ଦେଖିବା ଶୁଭ ସଙ୍କେତ ଦେଇଥାଏ। ମା' ଲକ୍ଷ୍ମୀଙ୍କ କୃପାରୁ ଆପଣଙ୍କର ଧନଲାଭ ହେବ ବୋଲି ଏହା ସୂଚନା ଦିଏ।

**–ଗେଣ୍ଡୁ:** ସ୍ୱପ୍ନରେ ଗେଣ୍ଡୁଫୁଲ ଦେଖିବାର ଅର୍ଥ ଆପଣଙ୍କ ହାତରେ ଆଗକୁ କୌଣସି ବଡ଼ ପୁଣ୍ୟ କାମ ହେବାକୁ ଯାଉଛି।

**–ମଲ୍ଲୀ:** ସୁନ୍ଦର ମହକଭରା ମଲ୍ଲୀଫୁଲକୁ ସ୍ୱପ୍ନରେ ଦେଖିବା ଏହି ସଙ୍କେତ ଦିଏ ଯେ, ଆଗକୁ ଆପଣଙ୍କ ଭାଗ୍ୟ ଚମକିବାର ଅଛି।

**–ଫୁଲମାଳ:** ଫୁଲମାଳର ସ୍ୱପ୍ନ ଦେଖିଲେ ଆପଣଙ୍କ ଘରେ କିଛି ମାଙ୍ଗଳିକ କାର୍ଯ୍ୟ ହେବାକୁ ଯାଉଛି ବୋଲି ସଙ୍କେତ ମିଳିଥାଏ।

**–ବାସି ଝାଉଁଳି ଯାଇଥିବା ଫୁଲ:** ଝାଉଁଳି ଯାଇଥିବା ବାସିଫୁଲର ସ୍ୱପ୍ନ ଆସିଲେ ଏହା ସୂଚାଇଥାଏ ଯେ, ଆଗକୁ ଆପଣଙ୍କର କୌଣସି ସମ୍ପର୍କୀୟଙ୍କ ସହ ମନୋମାଳିନ୍ୟ ହେବାର ଅଛି। ତେଣୁ ସତର୍କ ରହିବା ଆବଶ୍ୟକ।



–ଅନ୍ୱିତା ମିଶ୍ର





# କଲାର୍ ବ୍ଲାଉଜ୍

କଲାର୍ ବ୍ଲାଉଜ୍‌ର ଟ୍ରେଣ୍ଡ ନୂଆ ନୁହେଁ, ବରଂ ବହୁ ପୁରୁଣା। ଏହାକୁ ଆମେ ରେଟ୍ରୋ ଫ୍ୟାଶନ ବି କହିପାରିବା। ହେଲେ ଏବେ ଏହି ଫ୍ୟାଶନ୍‌ରେ ଆସିଛି ଅନେକ ପରିବର୍ତ୍ତନ। ଆଉ ଦେଖିବାକୁ ମିଳୁଛି ବିଭିନ୍ନ ପ୍ରକାର ଡିଜାଇନ୍‌ର କଲାର୍ ବ୍ଲାଉଜ୍ । ତେବେ ଏହି ବ୍ଲାଉଜ୍ ସହ କେଉଁଭଳି ଶାଢ଼ି ପିନ୍ଧିଲେ ମିଳିବ ଏକ ପରଫେକ୍ଟ ସ୍ମାର୍ଟ ଓ ଏଲିଗାଣ୍ଟ ଲୁକ୍ ଜାଣନ୍ତୁ ସେ ସମ୍ପର୍କରେ...



**ଚାଇନିଜ କଲାର୍ ନେକ୍:** ଏହି ବ୍ଲାଉଜ୍‌ର ନେକ୍ ଡିଜାଇନ୍ ହାଇ ନେକ୍ ପରି ହୋଇଥାଏ । ବେକ ଚାରିପଟେ କଲାର ଥିଲେ ତାହା ଫୁଲ୍ ଚାଇନିଜ କଲାର୍ ଓ ସାମ୍ନା ଭାଗ ଓପନ୍ ଥାଇ କେବଳ ପଛଭାଗରେ ଚାଇନିଜ୍ କଲାର୍ ହୋଇଥିଲେ ତାହା ଫୁଲ୍ ଚାଇନିଜ କଲାର୍ ନେକ୍ ବ୍ଲାଉଜ୍ କୁହାଯାଏ । ଉଭୟ ବ୍ଲାଉଜ୍ ସ୍ମାର୍ଟ ଲୁକ୍ ଦିଏ । ଏହି ବ୍ଲାଉଜ ସହ ଶାଢ଼ିର ପଣତକୁ ଖୋଲାକରି କାନ୍ଧ ପାଖରେ ପିନ୍ ଅପ୍ କରି ପିନ୍ଧିପାରିବେ । ଅବା ପଣତକୁ ସାଇଜ୍‌ରେ ଫୋଲ୍ଡ କରି କାନ୍ଧ ପାଖରେ ପିନ୍ ଅପ୍ କରି ମଧ୍ୟ ପିନ୍ଧିପାରିବେ ।



**ପିଟରପ୍ୟାନ୍ କଲାର୍ ନେକ୍:** ଏହି ନେକ୍ ଡିଜାଇନ୍‌ର ସାମ୍ନା ଭାଗରେ ଦୁଇଟି ବଡ଼ ବଡ଼ ଅର୍ଦ୍ଧ ଗୋଲାକାର କଲାର୍ ଥାଏ । ସିଫନ୍ ପିଟରପ୍ୟାନ କଲାର୍ ନେକ୍ ବ୍ଲାଉଜ୍‌ରେ ଏମ୍ବ୍ରୋଡୋରି ଓ ଷ୍ଟୋନ୍ ୱାର୍କ ହୋଇଥାଏ । ଆଉ ଏହା ଏକ ଗ୍ଲାମର୍ସ ଲୁକ୍ ଦିଏ ।



**ଶାର୍ଟ କଲାର୍ ବ୍ଲାଉଜ୍ ଡିଜାଇନ:** ଏହାର କଲାର୍ ପୁରୁଷଙ୍କ ଫର୍ମାଲ୍ ଶାର୍ଟର କଲାର୍ ପରି ହୋଇଥାଏ । ଆଉ ସ୍ଲିଭ୍ ହାଫ୍ ତଥା କହୁଣୀ ପର୍ଯ୍ୟନ୍ତ ହୋଇଥାଏ । ସାମ୍ନା ଭାଗରେ ଥାଏ ହୁକ୍‌ସ । ଏହାକୁ ଶିଫନ୍, ଜର୍ଜେଟ୍, ନେଟ୍ ଶାଢ଼ି ସହ ମଧ୍ୟ ପିନ୍ଧି ହେବ । ଇଣ୍ଡୋ ୱେଷ୍ଟର୍ନ ଷ୍ଟାଇଲ୍‌ର ଉକ୍ତ ବ୍ଲାଉଜ୍ ଫର୍ମାଲ୍ ଲୁକ୍ ପାଇଁ ପରଫେକ୍ଟ ।



**ଜ୍ୟାକେଟ୍ ଷ୍ଟାଇଲ୍ କଲାର୍ ବ୍ଲାଉଜ୍:** ଏହି ବ୍ଲାଉଜ୍‌ରେ ଲୈପଲ୍ କଲାର୍ ଥାଏ । ଫଳରେ ଏହା ବ୍ଲେଜର୍ ପରି ଦେଖାଯାଏ । ଏଥିରେ ଥିବା ଫ୍ରଣ୍ଟ ଓପନିଂ ହୁକ୍ ସହ କହୁଣି ପର୍ଯ୍ୟନ୍ତ ଲମ୍ବା ସ୍ଲିଭ୍ ଏହାକୁ ଏକ ଛୋଟ ବ୍ଲେଜର୍ ଲୁକ୍ ଦିଏ । ବ୍ରୋକେଡ୍‌ରେ ତିଆରି ଜ୍ୟାକେଟ୍ ଷ୍ଟାଇଲ ବ୍ଲାଉଜ୍ ସହ ସିଲ୍କ ଶାଢ଼ି ପିନ୍ଧିଲେ ଷ୍ଟାଇଲିଶ୍ ଲୁକ୍ ମିଳେ ।



**ଟେଲ୍ସି କଲାର୍ ବ୍ଲାଉଜ୍:** ଏହି ବ୍ଲାଉଜ୍ ଆଜିକାଲି ଟ୍ରେଣ୍ଡରେ ଅଛି । ଏହାର କଲାର୍ ଶାର୍ଟ କଲାର୍ ଭଳି କିନ୍ତୁ ଟିକେ ଅଧିକ ଲମ୍ବା । ଏହି ବ୍ଲାଉଜ୍ ସହ ଶାଢ଼ି ପିନ୍ଧିବାବେଳେ ପଣତକୁ କାନ୍ଧରେ ପିନ୍ ଅପ୍ କରି ଖୋଲା ଛାଡ଼ିପାରନ୍ତି । ଏହାଦ୍ୱାରା ନେକ୍ ଡିଜାଇନ୍ ଭଲରେ ଫ୍ଲଣ୍ଟ ହେବ । ପ୍ରିଣ୍ଟେଡ ଟେଲ୍ସି କଲାର୍ ବ୍ଲାଉଜ୍‌ରେ ଶଲିଡ୍ କଲର୍ ତଥା ପ୍ଲେନ୍ ଶାଢ଼ି ପିନ୍ଧିବା ଭଲ ।

# 'କବିତା ମୋ ପାଇଁ ପଥ ନୁହେଁ ପାଥେୟ'



**ପଚାଶ ଦଶକରେ କବିତା କ'ଣ ବୁଝିବା ପୂର୍ବରୁ କବିତା ଲେଖା ଆରମ୍ଭ କରିଥିଲେ ବନଜ ଦେବୀ। ସେ କୁହନ୍ତି, 'କବିତା ମୋ ପାଇଁ ପଥ ନୁହେଁ ପାଥେୟ। ଯାହା ମତେ ବାଟ ଚାଲିବାର ଶକ୍ତି ଦେଇଛି।**





ଦୀର୍ଘ ଛଅ ଦଶନ୍ଧି ଧରି ଓଡିଆ ସାହିତ୍ୟ ଜଗତରେ ଏକ ସୁପରିଚିତ ନାମ ହେଲେ ବନଜ ଦେବୀ। ପଚାଶ ଦଶକରେ କବିତା କ'ଣ ବୁଝିବା ପୂର୍ବରୁ ସେ କବିତା ଲେଖା ଆରମ୍ଭ କରିଥିଲେ। ତାହା ମିନାବଜାରରେ ପ୍ରକାଶିତ ହୋଇଥିଲା। ଲେଖା ପ୍ରକାଶିତ ହେବା ଉତ୍ସାହରେ ସେ ଅଧିକରୁ ଅଧିକ ଲେଖି ଚାଲିଲେ। ଧୀରେ ଧୀରେ କବିତା ଲେଖିବା ତାଙ୍କର ନିଶା ପାଲଟିଗଲା।

ପିତା ବିଶ୍ୱନାଥ ପଟ୍ଟନାୟକ ଓ ମାତା ସୁନ୍ଦରମଣି ଦେବୀଙ୍କ କନ୍ୟା ବନଜଙ୍କର ଜନ୍ମ ୧୯୪୧ ମସିହା ପୁରୀ ଜିଲାର ଡେଲାଙ୍ଗ ନିକଟସ୍ଥ ପୋଶଲ ଗ୍ରାମରେ। ବଡ଼ବାପା ଲୋକନାଥ ପଟ୍ଟନାୟକଙ୍କ ଦ୍ୱାରା ସେ ଲାଳିତ ପାଳିତ ହୋଇଥିଲେ। ବନଜଙ୍କ ପରିବାର ଥିଲା ବେଶ୍ ସଂସ୍କୃତିସମ୍ପନ୍ନ, ଧାର୍ମିକ ଓ ଜଗନ୍ନାଥପ୍ରେମୀ। ପିତା ଥିଲେ ସଙ୍ଗୀତଜ୍ଞ। ଗାଇବା ସହ ତବଲା, ବଂଶୀ ଓ ହାରମୋନିୟମ ଆଦି ସମସ୍ତ ବାଦ୍ୟଯନ୍ତ୍ର ବଜାଇବାରେ ବେଶ୍ ଧୁରନ୍ଧର । ନିତି ସନ୍ଧ୍ୟାରେ ଭାଗବତ ଘରେ ଭାଗବତର ନବାକ୍ଷରୀ ପଦକୁ ଗାଉଥିଲେ। ବଡବାପାଙ୍କ ସହ ଛୁଟିରେ ଘରକୁ ଆସିଲେ ପିତାଙ୍କ ପାଖରୁ ସଙ୍ଗୀତ ଶିକ୍ଷା କରନ୍ତି। ବନଜ ଦେବୀ କୁହନ୍ତି,'ବଡବାପା ଖୋର୍ଦ୍ଧାରେ ଏସଡିଓ ଥିବାବେଳେ ମୋର ଖଡିଛୁଆଁ ହୋଇଥିଲା। ଏହାପରେ ବ୍ରହ୍ମପୁର ବଦଳି ଯୋଗୁ ସେଠାକାର ମିଶନ୍ ସ୍କୁଲରେ ପ୍ରଥମ ଓ ଗାଁ ସ୍କୁଲରେ ଷଷ୍ଠ, ସପ୍ତମ ପଢିଥିଲି। ସେବେଠୁ ହୋଇଥିଲା ମୋ କବିତା ଲେଖିବାର ଆଦିପର୍ବ। ବଡବାପା ଥିଲେ ମୋ କବିତାର ପ୍ରଥମ ପାଠକ। କୁନ୍ତଳା କୁମାରୀଙ୍କ 'ପରଶମଣି ' ଓ ଗୋପୀନାଥ ମହାନ୍ତିଙ୍କ 'ହରିଜନ' ମୁଁ ପ୍ରଥମ ଶ୍ରେଣୀରେ ହିଁ ପଢିଥିଲି। ଛୋଟ ବୟସରେ ଏସବୁ ବହି ଲୁଚାଇ ପଢୁଥିବା ସମୟରେ ଧରାପଡ଼ି ଅନେକ ଥର ମାଡ ଗାଳି ମଧ୍ୟ ଖାଇଛି। ଏହାବାଦ୍ ପିଲାଦିନରୁ ପ୍ରକୃତି ସହ ଥିଲା ମୋର ବେଶ୍ ଅନ୍ତରଙ୍ଗତା । ଗଡନାୟକଙ୍କର କବିତା 'କନିଅର ଫୁଲ' ମୋତେ ଖୁବ୍ ପିଲାବେଳୁ ମତେ ବେଶ୍ ମୁଗ୍ଧ କରିଥିଲା। ଗପ ବହି ପଢିବା ପରି ଲୁଚାଇ ଲୁଚାଇ କବିତା ଲେଖିବା ଆରମ୍ଭ କଲି। ଏହାପରେ ବଡବାପାଙ୍କର ଅନୁଗୋଳ ବଦଳି ହେଲା। ଅନୁଗୋଳ ସ୍କୁଲରେ ପଢିବା ସମୟରେ ହିଁ ମୋର ପାଠପଢା ବନ୍ଦ ହେଲା। ଝିଅଟିଏ ପାଠପଢି କରିବ କ'ଣ ? ରନ୍ଧାବଢା ଶିଖୁ। ପାଠପଢା ବନ୍ଦ ହେବା ପରେ ମନେମନେ ବହୁତ ବିଦ୍ରୋହ କରିଥିଲି। ସେଇ ବିଦ୍ରୋହ ଝରି ଯାଇଥଲା କବିତା ରୂପରେ।'

ମାତ୍ର ୧୭ବର୍ଷ ବୟସରେ ବନଜଙ୍କର ବିବାହ ହୋଇଥିଲା ଖୋର୍ଦ୍ଧା ଟିକିଝରି ଗ୍ରାମ ନିବାସୀ ପୂର୍ଣ୍ଣଚନ୍ଦ୍ର ହରିଚନ୍ଦନଙ୍କ ସହିତ। ବହୁ କୁଟୁମ୍ବରେ ସେ ହେଲେ ବଡବୋହୂ। ଗୃହିଣୀ ଜୀବନର କ୍ଳାନ୍ତ, ଅବସାଦ, ବେଦନା ଭିତରେ ବି ନିଜ ଖୁସି ପାଇଁ ସେ କବିତା ଲେଖନ୍ତି। ବନଜ କୁହନ୍ତି, 'କବିତା ମୋ ପାଇଁ ପଥ ନୁହେଁ ପାଥେୟ। ଯାହା ମତେ ବାଟ ଚାଲିବାର ଶକ୍ତି ଦେଇଛି। ୧୯୫୯ ମସିହାରେ ମୋର ପ୍ରଥମ ଗଳ୍ପ 'ଛିନ୍ନ ମେଘ' ଆସନ୍ତାକାଲିରେ ପ୍ରକାଶିତ ହେଇଥିଲା। ୧୯୭୬ ମସିହାରେ ଆକାଶବାଣୀର ସର୍ବଭାଷା କବି ସମ୍ମିଳନୀରେ ଯୋଗ ଦେଇଥିଲି। ଯେଉଁଥିରେ ମୋର 'ଭୂମିକା' କବିତାଟି ନିର୍ବାଚିତ ହୋଇଥିଲା। ଏହି କବିତାଟି ମୁଁ ସର୍ବଭାଷୀ କବି ସମ୍ମିଳନୀରେ ପାଠ କରିଥିଲି।' ନିଜର ପରିବାର ସଦସ୍ୟ ବିଶେଷ କରି ଦାଶରଥି ପଟ୍ଟନାୟକ (ଦାଶିଆ ଅଜା)ଙ୍କ ଉତ୍ସାହ ଓ ପ୍ରେରଣାକୁ ସ୍ମରଣ କରନ୍ତି ବନଜ। ଗଳ୍ପ, କବିତା ସହ ଉପନ୍ୟାସ ମଧ୍ୟ ଲେଖିଛନ୍ତି ସେ। ଯାହା ବିଭିନ୍ନ ପତ୍ରପତ୍ରିକାରେ ନିୟମିତ ପ୍ରକାଶିତ ହୋଇ ପରେ ପୁସ୍ତକ ଆକାରରେ ପ୍ରକାଶ ପାଇଛି। ୧୧ଟି ଗଳ୍ପ ସଂକଳନ, ୬ଟି କବିତା ସଂକଳନ, ୧୭ଟି ଉପନ୍ୟାସ, ୨ଟି ଜୀବନୀ ଓ ୨ଟି ଅନୁବାଦ ପୁସ୍ତକ, ୧୦୦ଟି ବେଦ ମନ୍ତ୍ରର ଓଡିଆ ପଦ୍ୟ ରୂପ ପୁସ୍ତକର ରଚୟିତା ବନଜ ଦେବୀ, ଓଡ଼ିଶା ଲେଖିକା ସଂସଦର ଉପସଭାପତି ରୂପେ ଦୀର୍ଘଦିନ କାର୍ଯ୍ୟ ତୁଲେଇଛନ୍ତି। ଲେଖିକା ସଂସଦ ଦ୍ୱାରା ଭୂମା ଦ୍ୱିତୀୟ, ଭୂମା ତୃତୀୟ, ଭୂମିକା ଆଦି ପୁସ୍ତକ ତାଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଛି।ନିଜର ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ବନଜ ପାଇଛନ୍ତି ଅନେକ ପୁରସ୍କାର ଓ ସମ୍ମାନ। ଯାହାମଧ୍ୟରେ ମିନାବଜାର ବିଷୁବ ମିଳନ, ଆଗାମୀ ଶତାବ୍ଦୀ ପୁରସ୍କାର, ସାହିତ୍ୟ ଏକାଡେମୀ ପୁରସ୍କାର, ଫକୀର ମୋହନ ପୁରସ୍କାର, ପ୍ରତିଭା ଶତପଥୀ କବିତା ପୁରସ୍କାର, ଚଇତାଳି କବିତା ସମ୍ମାନ, ଆର୍ଯ୍ୟ ସମାଜ ସମ୍ମାନ, ଖୋର୍ଦ୍ଧା ସାହିତ୍ୟ ସଂସଦ ସମ୍ମାନ, ଯଦୁମଣି ସାହିତ୍ୟ ସଂସଦ ସମ୍ମାନ ଇତ୍ୟାଦି ଅନେକ ସ୍ୱୀକୃତି, ପୁରସ୍କାର ଓ ସମ୍ମାନ।

ବନଜ କୁହନ୍ତି, 'ଦିନେ ଯାହା ଆନନ୍ଦ ପାଇଁ ଲେଖୁଥିଲି, ଜଣା ନ ଥିଲା ତାହା ମୋତେ ଦିନେ ଲେଖିକାର ମାନ୍ୟତା ଦେବ। ଅନେକ କଷ୍ଟ ସହିଛି। ପାଇଛି କିନ୍ତୁ ନିରୋଳା ଆନନ୍ଦ। ମୁଁ ଦୁଃଖ ସାଉଁଟିଛି, ଦୃଶ୍ୟ ସାଉଁଟିଛି, ଯେତିକି ଲେଖିଛି, ଅଧିକ ବାକି ଅଛି । ଚାହୁଁଛି ବାରମ୍ବାର ଫେରିବା ପାଇଁ ଏଇ ମାଟି କୋଳକୁ, କବିଟିଏ ହୋଇ। ସେହି ଅସହ୍ୟ ବେଦନା ଭିତରେ ହିଁ ଲୁଚି ରହିଛି ମୋର ପରମ ଆନନ୍ଦ।'





**–ପ୍ରିୟମ୍ବଦା ରଥ**
**ଆର୍ କେ ପୁରମ୍,**
ସେକ୍ଟର-୪, ନୂଆ ଦିଲ୍ଲୀ
ମୋ:୮୬୮୮୯୫୭୮୦୦

# ପେଟ

**–ଶୁଭ ନାରାୟଣ ସ୍ୱାଇଁ**

ପିଠିର ସ୍କାନିଂ କଲା ପରେ
ମେରୁଦଣ୍ଡର ଫଟୋ ପରି
ଆକାଶରେ ଭାସୁଥାଏ
ଖଣ୍ଡ ଖଣ୍ଡ ମେଘ ,
ମେଘୁଆ ଆକାଶର ମେଘ ତଳେ
ଉଦାସିଆ ଜହ୍ନ ପରି
ଗଞ୍ଜି ତଳେ ଲୁଚି ରହିଥାଏ ପେଟ ।

ସତରେ, କେତେ ବିବଶ ସିଏ
କାହା ଆଗରେବା ବାଣ୍ଟିବ ଦୁଃଖ
ଯନ୍ତ୍ର ବି ଧରି ପାରେନା
ପେଟ ଭିତରେ କେତେ ଭୋକ
କେତେ ସ୍ୱପ୍ନ କେତେ ଅବସାଦ ।

ଟେପ୍ ଧରି ଆଜିଯାଏ
ମାପି ହେଲାନି ପେଟ
କେମିତି କହି ହେବ
ତା' ଭିତରେ ଲୁଚି ରହିଛି
କେତେ ସତ କେତେ ମିଛ ।

–ପୂଜାରୀପୁଟ ରୋଡ୍ ,
କୋରାପୁଟ,
ମୋ– ୮୪୮୦୧୯୬୫୩୨

# ପାଞ୍ଚୋଟି ଏକପଦୀ

**–ଭରତ ଚନ୍ଦ୍ର ଦାଶ**

ହୃଦ ଉପବନେ ପ୍ରୀତିର କାନନେ
ସୁଗନ୍ଧରାଜର ବାସ
ପ୍ରେୟସୀର ମନ ମଳୟ ପବନ
ଚହଟେ ତନୁର ରାସ ।

ଦୁଇ
ମନ ମୋର ଯେବେ ମରି ମରି ଯାଏ
ଅପ୍ରୀତି ଅପ୍ରେମ ଦାନେ
ମନେ ପଡେ ତୁମ ପ୍ରଣୟ ମଧୁର
ସଞ୍ଚରିତ ଥିଲା ପ୍ରାଣେ ।

ତିନି
ମୋର ଏ ହୃଦୟ ତୋର ପାଇଁ ସଖୀ
ସାଇତା ସ୍ମୃତିର ଘର
ଦେଖିଯାଅ ତୁମେ ପ୍ରଣୟୀ କିପରି
ସଜାଇଛି ପ୍ରୀତି ପୁର ।

ଚାରି
ନୂଆ ବରଷର ଅଭ୍ୟର୍ଥନା ପାଇଁ
ପ୍ରୀତି ମୋ ଦେଇଛି ପତ୍ର
ପ୍ରଣୟୀ ପୁରୁଷେ ପ୍ରୀତିଲାଭ ପାଇଁ
ସଜାଇଛି ତନୁ ଗାତ୍ର ।

ପାଞ୍ଚ
ପ୍ରାଣର ପ୍ରଦୀପ ଜଳାଇଛି ପ୍ରୀତି
ପ୍ରେମର ସଳିତା ଦେଇ
ଆନନ୍ଦର ଅଶ୍ରୁ ଭରିଛି ପ୍ରଦୀପେ
ପ୍ରଣୟର ଅର୍ଘ୍ୟ ନେଇ ।

*–ମାର୍କୋଣା, ବାଲେଶ୍ୱର*
*ମୋ–୯୪୩୭୩୭୨୧୬୬*

# ସମୟ

**–ଶଙ୍କର ପରିଡ଼ା**

ଏକାକଥା ଜନ୍ମ ମୃତ୍ୟୁ
ଯମଜ ଚମକ
ଏକା କଥା ପ୍ରବେଶ ପ୍ରସ୍ଥାନ
ଜୀବନ ଓ ମରଣର
ସ୍ନିଗ୍ଧ ସନ୍ଧିକ୍ଷଣ
ମହାକାଳ ମୁହାଣରେ
ସମୟ ଖଣ୍ଡର ମୃତ୍ୟୁ
ଆଲୋକିତ ଅନ୍ଧାରରେ
କାଳଖଣ୍ଡ ସାଙ୍କେତିକ ପାଦଚିହ୍ନ
ନୂଆବର୍ଷ ସମୟର ଶୁଭ ଜନ୍ମଦିନ ।

*୨୮–ଭୀମପୁର ଡୁପ୍ଲେକ୍ସ*
*ବିଜୁ ପଟ୍ଟନାୟକ ବିମାନ ବନ୍ଦର ଛକ*
*ଫରେଷ୍ଟ ପାର୍କ ,ଭୁବନେଶ୍ୱର*

*ମୋ: ୯୪୩୭୦୩୪୫୫୦*



# ପସନ୍ଦ

**– ଶ୍ରୀ ଅଲେଖ ଚନ୍ଦ୍ର ମିଶ୍ର**

କାହାକୁ କିଛି ନ କହି ନିଜ ପସନ୍ଦର ଝିଅଟିକୁ ଚୁପ୍ ଚାପ୍ ବାହା ହୋଇ ପଡ଼ିଥିଲେ ବି ନବବିବାହିତା ପୁଅବୋହୂ ଗାଁ କୁ ଆସୁଥିବାର ଖବର ପାଇ ବାପାମାଆ, ସାହିପଡ଼ିଶା, ଗାଁ ବାଲା, ବନ୍ଧୁବାନ୍ଧବ ସମସ୍ତେ ଦୁଃଖୀ ହେବା ପରିବର୍ତ୍ତେ ଖୁବ୍ ଖୁସିହେଲେ ଏବଂ ସେହି ଉପଲକ୍ଷେ ଭୋଜିଭାତର ଆୟୋଜନ ବି କରିଲେ । ଯାହାହେଉ, ଯେମିତିହେଉ ଶେଷରେ ସେ କନ୍ୟାଟିଏ ପସନ୍ଦ କଲା ତ ! ସେମାନେ ତ ବିଲକୁଲ ଆଶା ଛାଡ଼ି ଦେଇଥିଲେ । ସଂଗତି ସମ୍ପନ୍ନ ସାଆନ୍ତରା ପରିବାରର ଏକ ମାତ୍ର ପୁତ୍ର ହୋଇଥିବାରୁ ବିଭିନ୍ନ ଆଡୁ ତା ପାଇଁ ଅନେକ ଭଲ ଭଲ ପ୍ରସ୍ତାବ ଆସୁଥିଲା । ଝିଅମାନେ ତାକୁ ତାକୁ ବଳି ସୁନ୍ଦରୀ । ହେଲେ ସେ ସମସ୍ତଙ୍କୁ ନାକ ଟେକୁଥିଲା । ଶେଷକୁ ଏମିତି ହେଲା ଯେ, ଲୋକମାନେ ବିରକ୍ତ ହୋଇ ତା' ପାଇଁ ଆଉ କୌଣସି ପ୍ରସ୍ତାବ ଆଣିଲେ ନାହିଁ । ବାପାମାଆ ନିରୁପାୟ ହୋଇ ରହିଗଲେ । ପୁଅ ବି ନିଜ ମନର କଥା କାହାକୁ କହିଲାନି ।

ଅସଲ କଥା ହେଲା ସୁନ୍ଦରୀ ଝିଅଙ୍କ ପାଇଁ ପୁଅର ଏକ ଅଜବ ଧାରଣା ଥିଲା । ତା' ମତରେ ଯେଉଁ ଝିଅ ଯେତେ ସୁନ୍ଦରୀ ତା' ଉପରେ ଲୋକମାନଙ୍କର ନଜର ସେତେ ବେଶୀ ପଡେ, ଯାହାର ପରୋକ୍ଷ ପ୍ରଭାବ ସେମାନଙ୍କ ଚାରିତ୍ରିକ ସ୍ଖଳନ ପାଇଁ ସୁଯୋଗ ସୃଷ୍ଟି କରେ । ତେଣୁ ସେ ଏମିତି ଅସୁନ୍ଦରୀ ଝିଅଟିଏ ବାହା ହେବ ଯାହାକୁ କେହି ଆଡ ଆଖିରେ ବି ଚାହିଁ ନଥିବେ । ଫଳରେ ତାର କୌମାର୍ଯ୍ୟ ଅକ୍ଷତ ରହିଥିବ ଯାହାର ସେ ହିଁ ହେବ ଏକମାତ୍ର ଅଧିକାରୀ । ଶେଷରେ ସେୟା ହେଲା ।

ଏତେ ସବୁ ଖୁଣ୍ଟୁ ଥିବା ସାଆନ୍ତରାଘରର ପୁଅ ଶେଷକୁ କିଭଳି ବୋହୂ ପସନ୍ଦ କଲା ତାକୁ ଦେଖିବା ପାଇଁ ସାରା ଗାଁ ଲୋକ ବିଶେଷକରି ସ୍ତ୍ରୀ ଲୋକଙ୍କର ଉତ୍କଣ୍ଠା ବଢି ଚାଲିଥିବା ବେଳେ ହଠାତ୍ ଗାଡିର ହର୍ଣ୍ଣ ଶୁଭିଲା । ପାଖକୁ ଦୌଡ଼ିଯାଇ ବୋହୂକୁ ଦେଖୁ ଦେଖୁ ସମସ୍ତେ ମୁହଁ ମୋଡି ଦେଇ ଛିଛାକର କଲେ । କିଏ କହିଲା ''ଏଇଟା ମଣିଷ ନା ମଇଁଷି ,ତ ଆଉ କିଏ ତାକୁ ପୁତନା କିମ୍ୱା ତାଡକା ସହିତ ତୁଳନା କଲା । କିଏ କହିଲା, ଏ ବଗ ବେକରେ ଡିଙ୍କି, ତ ଆଉ କିଏ କହିଲା ''ଅନ୍ଧାର ରାତିରେ ଯାକୁ ଦେଖିଲେ ଭେଟଣା ହୋଇଯିବ'' ।

ହେଲେ ସେମାନଙ୍କ ଟିପଣୀକୁ ହସରେ ଉଡେଇଦେଇ ସ୍ୱଗତୋକ୍ତି କରୁଥିଲା ପୁଅ, ''ହୁଁ, ସୌନ୍ଦର୍ଯ୍ୟର ପରିଭାଷା ଏମାନେ କଣ ବୁଝିବେ ? ସେଥିପାଇଁ ତ ଏ ବିଷୟରେ କାହାକୁ କିଛି ଜଣାଇଲିନି'' । ବିଳମ୍ବିତ ରାତ୍ରିର ନିରୋଳା ମୁହୂର୍ତ୍ତରେ ନବବଧୂର ଚିବୁକକୁ ସରାଗରେ ସ୍ପର୍ଶ କରି କହିଲା ପୁଅ, ଯିଏ ଯାହା କୁହନ୍ତୁ ତୁମକୁ ପାଇ ମୁଁ ସବୁ କିଛି ଭୁଲିଯିବି । ଆଜିଠାରୁ ତୁମେ ହିଁ ମୋର ଆରତୀ, ମୋର ବନ୍ଦନା,ମୋର ଆରାଧନା ସବୁକିଛି '' । ଲାଜେଇ ଯାଇ ବୋହୂଟି ଉତ୍ତର ଦେଲା ''ଆଜିଠାରୁ ତୁମେ ବି ମୋର କପିଳ ନନା,ମୋର ପଞ୍ଚୁ ଭାଇ,ମୋର ରାଜୁ ମାଷ୍ଟ୍ରେ ଓ.ସବୁକିଛି । ତୁମ ପାଇଁ ମୁଁ ଏ ସମସ୍ତଙ୍କୁ ଭୁଲିଯିବି ।

*–ସାରଦାଶ୍ରୀ,୯୦୪, ଶାସ୍ତ୍ରୀନଗର*
*ୟୁନିଟ–୪, ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮*





# ଦୁଇ ବର୍ଷ ପରେ...

ଅଭିନୟରେ ଯଶ କେତେ ଦକ୍ଷ ତାହା କହିବା ବାହୁଲ୍ୟ ମାତ୍ର। ପ୍ରତିଟି ସିନେମାରେ ତାଙ୍କ ଅଭିନୟର ଭିନ୍ନତା ସ୍ପଷ୍ଟ ଭାବରେ ବାରି ହୋଇପଡେ। ହେଲେ ଏବେ ଆଉ ଏକ ବ୍ଲକବଷ୍ଟର ସିନେମାର ଶୁଟିଂ ପାଇଁ ତାଙ୍କୁ ଦୁଇ ବର୍ଷ ଅର୍ଥାତ୍ ୨୦୨୫ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍ ତାଙ୍କୁ 'କେଜିଏଫ-ଚାପ୍ଟର ୩' ପାଇଁ ସାଇନ୍ କରାଇଛନ୍ତି। ଯେହେତୁ ନିର୍ଦ୍ଦେଶକ ଏବେ ପ୍ରଭାସଙ୍କ ଏକ ସିନେମାକୁ ନେଇ ବ୍ୟସ୍ତ ଏବଂ ଏହି ଫିଲ୍ମଟି ୨୦୨୩ରେ ହିଁ ଶେଷ ହେବ, ତେଣୁ 'କେଜିଏଫ-୩'ର ଶୁଟିଂ ୨୦୨୫ରେ ଆରମ୍ଭ କରିବାକୁ ସେ ସ୍ଥିର କରିଛନ୍ତି। 'କେଜିଏଫ' ସିରିଜ୍‌ରେ ପୁଣି ଥରେ ଯଶଙ୍କୁ ଅର୍ନ୍ତଭୁକ୍ତ କରାଯିବା ପରେ ତାଙ୍କ ପ୍ରଶଂସକଙ୍କ ଖୁସି କହିଲେ ନ ସରେ। ଏଭଳି ଅଫର ସମ୍ପର୍କରେ ଯଶ କହନ୍ତି, 'ପ୍ରଶାନ୍ତଙ୍କ ଫିଲ୍ମ, ପୁଣି କେଜିଏଫ ସିରିଜରେ ମୁଁ ଆଉ ଥରେ ଅଭିନୟ କରିବାକୁ ଯାଉଛି। ଅବଶ୍ୟ ଏହାର ଶୁଟିଂ ଆରମ୍ଭ ହେଉ ହେଉ ଦୁଇ ବର୍ଷ ଲାଗିଯିବ। ତେଣୁ ଏହା ଭିତରେ ମୁଁ ନିଜକୁ ସେହି ଫିଲ୍ମ ପାଇଁ ପ୍ରସ୍ତୁତ କରିନେବି। ପୂର୍ବରୁ 'କେଜିଏଫ'କୁ ଦର୍ଶକ ଯେପରି ଗ୍ରହଣ କରିଛନ୍ତି ଏହାର ଚାପ୍ଟର-୩କୁ ମଧ୍ୟ ଠିକ୍ ସେହିଭଳି ଜଷ୍ଟିସ ଦେବେ ବୋଲି ଆଶା ରଖିଛି।' ଏହି ଫିଲ୍ମରେ ରବିନା ଟଣ୍ଡନ, ପ୍ରକାଶ ରାଜ, ଅନନ୍ତ ନାଗ, ଅଚ୍ୟୁତ କୁମାର, ଶ୍ରୀନିଧି ସେଟ୍ଟି, ମାଳବିକା ରାଓ, ରାଓ ରମେଶ ପ୍ରମୁଖ କଳାକାର ଅଭିନୟ କରିବାର ଯୋଜନା ରହିଛି।


ଯଶ


ନୟନତାରା

# ସବୁ ଠିକ୍ ଚାଲିଛି

ଦକ୍ଷିଣ ଭାରତୀୟ ସିନେମାରେ ନୟନତାରା ବେଶ୍ ଲୋକପ୍ରିୟ। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ଅଭିନୟ ସହ ଜଡିତ। ନିଜ ଆକ୍ଟିଂ କ୍ୟାରିୟରକୁ ତର୍ଜମା କରିବା ପରେ ସେ ଏଥିରେ ବେଶ୍ ଖୁସି ଅଛନ୍ତି ବୋଲି କହନ୍ତି। ବର୍ତ୍ତମାନ ସେ ଅଭିନୟ କରିଥିବା 'ଜୱାନ' ରିଲିଜ ଅପେକ୍ଷାରେ ରହିଛି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଶାହରୁଖ ଖାଁ। ଚିତ୍ରଟି ଚଳିତ ବର୍ଷ ଜୁନ୍ ୨ରେ ପରଦା ଉପରକୁ ଆସିବ। ଏ ନେଇ ନୟନତାରା କହନ୍ତି, 'ଜୱାନ'ରେ ଅଭିନୟ କରିବା ପରେ ଏହାକୁ ନେଇ ମୁଁ ବେଶ୍ ଆଶାବାଦୀ ରହିଛି। ମୋର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୩ରେ, ଏକ ମାଲାୟାଲାମ ଫିଲ୍ମରୁ। ହେଲେ ଏବେ ମୁଁ ପ୍ରଥମ ଥର ପାଇଁ ହିନ୍ଦୀ ସିନେମାରେ ଅଭିନୟ କରିବାର ସୁଯୋଗ ପାଇଛି। ପୁଣି ଶାହରୁଖଙ୍କର ନାୟିକା ସାଜିଛି। ଏହା ନିଶ୍ଚିତ ଭାବରେ ମୋ ପାଇଁ ଗର୍ବର ବିଷୟ। ଏହି ସିନେମାଟି ବକ୍ସ ଅଫିସରେ ଭଲ ବିଜନେସ୍ କରିବ ବୋଲି ଆଶା ରଖିଛି। ମୋଟ ଉପରେ କହିବାକୁ ଗଲେ ମୋର ଆକ୍ଟିଂ କ୍ୟାରିୟର ଠିକ୍‌ଠାକ୍ ଚାଲିଛି।' ଖାସ୍ କଥା ହେଲା, ଏହି ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଶାହରୁଖଙ୍କ ପତ୍ନୀ ଗୌରୀ ଖାଁ। ନିର୍ଦ୍ଦେଶନା ଦେଇଛନ୍ତି ଅଟଲି। ଶାହରୁଖ-ନୟନତାରାଙ୍କ ବ୍ୟତୀତ ଏହି ଫିଲ୍ମରେ ବିଜୟ ସେତୁପତି, ପ୍ରିୟାମଣି, ସାନ୍ୟା ମାଲହୋତ୍ରା ଏବଂ ସୁନୀଲ ଗ୍ରୋଭର ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ଯୋଗିତା


ଦୀପିକା

# ଦୀପିକାଙ୍କ ଡିନର୍ ପାର୍ଟି

ଦୀପିକା ପାଦୁକୋନ୍ ଯାହା କହିଥିଲେ ତାହା ନିକଟରେ ପୂରଣ କରିଛନ୍ତି। କଥା କ'ଣକି ସାଙ୍ଗମାନଙ୍କୁ ଏକ ଡିନର ପାର୍ଟିରେ ଆପ୍ୟାୟିତ କରିବାକୁ ସେ କଥା ଦେଇଥିଲେ। ହେଲେ ସମୟ ଅଭାବରୁ ପାର୍ଟି ଦେଇପାରି ନ ଥିଲେ। ହେଲେ ନିକଟରେ ସେ ନିଜ କଥା ରଖି ସାଙ୍ଗମାନଙ୍କୁ ନିମନ୍ତ୍ରଣ କରିଥିଲେ। ନିର୍ଦ୍ଦିଷ୍ଟ ଦିନ ସମସ୍ତେ ହୋଟେଲରେ ପହଞ୍ଚି ଡିନର ପାର୍ଟିର ମଜା ନେଇଥିଲେ। ଏହି ସମୟରେ ଦୀପିକା ନିଜ କ୍ୟାରିୟର ସମ୍ପର୍କରେ ସୂଚନା ଦେବାକୁ ଭୁଲି ନ ଥିଲେ। ଏ ନେଇ ସେ କହନ୍ତି, 'ଆଜି କେବଳ ଦର୍ଶକଙ୍କ ପାଇଁ ମୁଁ ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିଛି। ଚଳିତ ମାସ ୨୫ରେ ମୋ ଅଭିନୀତ 'ପଠାନ୍' ପରଦା ଉପରକୁ ଆସୁଛି। ଏହି ଫିଲ୍ମକୁ ନେଇ ଅନେକ ଆଲୋଚନା ଚାଲିଛି। ହେଲେ ବାସ୍ତବରେ ଅସଲ କଥା ସେଇଆ ନୁହେଁ। ମୋର ଆଶା ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହାକୁ ଠିକ୍ ଭାବରେ ତୁଲାଇଛି ବୋଲି ମୁଁ ଭାବୁଛି। ବାକି ସବୁ ରିଲିଜ ହେବା ପରେ ହିଁ ଜଣାପଡିବ।' ତେବେ 'ପଠାନ୍'ରେ ଶାହରୁଖଙ୍କ ସହ ଦୀପିକା କି କମାଲ କରିଛନ୍ତି ତାହା ଦେଖିବାକୁ ବାକି ରହିଲା।


ଏଲିନା


କ୍ରିତି

# ନୂଆ ଅବତାର

ଓଲିଉଡ୍‌ର ଅନ୍ୟତମ ଆଗଧାଡିର ନାୟିକା ଏଲିନା ପ୍ରିୟଦର୍ଶିନୀ ଖୁବ୍ ଶୀଘ୍ର ଦର୍ଶକଙ୍କ ସାମନାକୁ ନୂଆ ଅବତାରରେ ଆସିବେ। ଏହି ଫିଲ୍ମଟି ହେଲା 'ପ୍ରତିଶୋଧ'। ଏଥିରେ ତାଙ୍କୁ ଆକ୍ସନ ଭୂମିକାରେ ଦେଖିବାକୁ ମିଳିବ। ଜୀ-ସାର୍ଥକ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି କ୍ଷୀରୋଦ ପଟ୍ଟନାୟକ। ପୂର୍ବରୁ ବେଶ୍ କେତୋଟି ସିନେମାର ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ଭାବେ କାମ କରି ସଫଳ ହୋଇଥିବା ସାଇ ସ୍ୱରାଜ ମଙ୍ଗରାଜ (ପୁଟୁ) ଏହାର ନିର୍ଦ୍ଦେଶନା ମଙ୍ଗ ଧରିଛନ୍ତି। ଏଲିନା ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିକୁ ଅନେକ ହିଟ୍ ଚଳଚ୍ଚିତ୍ର ଦେଇଛନ୍ତି। ଏଥର ଏହି ଫିଲ୍ମରେ ମଧ୍ୟ ନିଜ ସଫଳତା ଧାରା ବଜାୟ ରଖିବାକୁ ଆଶା ରଖିଛନ୍ତି। ଉକ୍ତ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୁଡଲି ରଥ। ଜୀବନରେ ଅନେକ ଦୁଃଖଦ ପରିସ୍ଥିତିକୁ ସାମନା କରିଥିବା ଗୋଟିଏ ସାଧାରଣ ଝିଅ ସମୟ ଅନୁସାରେ କିପରି ପ୍ରତିଶୋଧ ନେଉଛି ତାହା ଉପରେ ଏହି ଫିଲ୍ମର କାହାଣୀ ଆଧାରିତ। ଜବରଦସ୍ତ ଆକ୍ସନ ଓ ଡ୍ରାମାକୁ ନେଇ ପ୍ରସ୍ତୁତ ହେଉଥିବା 'ପ୍ରତିଶୋଧ' ଦର୍ଶକଙ୍କୁ ଏକ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ଦେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଏଲିନାଙ୍କ ବ୍ୟତୀତ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ, ସମରେଶ ରାଉତରାୟ, ବବି ମିଶ୍ର ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି।

# କ୍ରିତିଙ୍କ ଅନୁତାପ

ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଗଲା ପରେ ତାହା ଆଉ ଫେରିଆସେନା।' ସେମିତି ଏକ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି କ୍ରିତି ସାନନ୍। ଦେଖୁନାହାନ୍ତି, ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା, ସେଥିରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ନିଜ ମନୋଭବରେ ପରିବର୍ତ୍ତନ କରି ସେହି ଅଫରଟିକୁ ଗ୍ରୀନ୍ ସିଗନାଲ ଦେଖାଇବାକୁ ସ୍ଥିର କରିଥିଲେ। ହେଲେ ସେତେବେଳକୁ ଚାନ୍ସଟା ହାତରୁ ଖସି ଯାଇଥିଲା। ଏବେ ସେକଥାକୁ ନେଇ ଅନୁତାପ କରୁଛନ୍ତି କ୍ରିତି। ଏ ନେଇ ସେ କହନ୍ତି, 'ଅଫରଟି ହାତଛଡା କରିବା ପରେ ଭାବିଲି ଫିଲ୍ମଟିର କାହାଣୀ ଏବଂ ସେଥିରେ ମୋତେ ମିଳିଥିବା ଭୂମିକା ବେଶ୍ ଦମଦାର ଥିଲା। ତେଣୁ ମୁଁ ମୋର ନିଷ୍ପତ୍ତି ବଦଳାଇ ଯେତେବେଳେ ପ୍ରଯୋଜନା ସଂସ୍ଥାକୁ ଜଣାଇଲି ସେତେବେଳକୁ ସୁଯୋଗଟି ହାତଛଡା ହୋଇଯାଇଥିଲା। ଆଗକୁ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ଗଭୀର ଭାବରେ ଚିନ୍ତା କରିବି।'

# ଅପେକ୍ଷା କରିବେ ଯୋଗିତା

ଷ୍ଟାର ଷ୍ଟଡେଡ୍ 'ବିକ୍ରମ ବେଢ଼ା'ରୁ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ ଯୋଗିତା ବିହାନି। ଏହି ଫିଲ୍ମରେ ତାଙ୍କ ବ୍ୟତୀତ ହ୍ରିତିକ ରୋଶନ ଏବଂ ସୈଫ ଅଲ୍ଲୀ ଖାଁଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ସିନେମାଟି ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ପ୍ରଯୋଜକଙ୍କ ନଜରକୁ ଆସିପାରି ନ ଥିଲେ ଏହି ନବାଗତା। ଏ ନେଇ ସେ ଟିକେ ବି ଦୁଃଖ କରୁନାହାନ୍ତି ବୋଲି କହିବୁଲୁଛନ୍ତି। ନିଜ ବଲିଉଡ୍ କ୍ୟାରିୟର ବିଷୟରେ ଯୋଗିତା କହନ୍ତି, 'ବଲିଉଡ୍‌ରେ ଏଣ୍ଟ୍ରି କରୁ କରୁ ଯେ, ପ୍ରଯୋଜକମାନେ ତୁମ ପଛରେ ଲାଇନ୍ ଲଗାଇ ଦେବେ ଏକଥା ଭାବିବା ଭୁଲ। ପ୍ରଥମ ସିନେମା ହିଟ୍ ହୋଇଥିଲେ ମଧ୍ୟ ବେଳେବେଳେ କିଛି ବର୍ଷ ଅପେକ୍ଷା କରିବାକୁ ପଡିଥାଏ। କାରଣ ଅଫରଟିଏ ପାଇବା କେବଳ ମୋ ଉପରେ ନିର୍ଭର କରେ ନାହିଁ। ଯେତେବେଳେ ଜଣେ ପ୍ରଯୋଜକ ଭାବିବେ ଯେ ଏହି ଆକ୍ଟ୍ରେସ ଆମ ଫିଲ୍ମ ପାଇଁ ଯୋଗ୍ୟ। ସେତେବେଳେ ସେ ତାଙ୍କୁ ସାଇନ୍ କରାଇବେ। ତେଣୁ ପରବର୍ତ୍ତୀ ଫିଲ୍ମ ପାଇଁ ଅପେକ୍ଷା କରିବାକୁ ମୁଁ ପ୍ରସ୍ତୁତ। ଏବେ ମୋର ଗ୍ୟାଷ୍ଟ୍ରୋ ସର୍ଜରୀ ହେବ। ତେଣୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ହିଁ ପୁଣି ଥରେ ଆକ୍ଟିଂ ଉପରେ ଧ୍ୟାନ ଦେବି।' ତେବେ ଯୋଗିତାଙ୍କ ହିନ୍ଦୀ ସିନେମା କ୍ୟାରିୟର ଆଗକୁ କିପରି ଆଗଉଛି ତାହା ଦେଖିବାକୁ ବାକି ରହିଲା।

# ଲାଜୁଆ ଚାହାଣୀ ସୁନେଲି ହସ, ସହଜେ ଫିଟେନା ପ୍ରେମର ଫାଶ

**ପ୍ରଶ୍ନ**–ଲାଜରୁ କୁଆଡେ ପ୍ରେମର ସୃଷ୍ଟି ହୁଏ। ଏଭଳି ଧାରଣା କେତେଦୂର ଠିକ୍ ଜାଣିପାରୁ ନାହିଁ। ମୋ ମନରୁ ଏହି ସନ୍ଦେହକୁ ଦୂର କରିବେ କି ?

–ବିଶ୍ୱଜିତ ନାୟକ, ବ୍ରହ୍ମପୁର

**ଉତ୍ତର:** ସୁନ୍ଦରୀର ଲାଜୁଆ ହସରେ ଅନେକ କଥା ଲୁଚି ରହିଥାଏ। ସେଇଠୁ ପ୍ରେମର ଆରମ୍ଭ ହୁଏ, ପୁଣି ସେଇଠି ବି ଶେଷ ହୁଏ। ହେଲେ ଏହି ପ୍ରେମ ଥରେ ଆରମ୍ଭ ହେଲେ ତାହାର ଫାଶ ସହଜରେ ଫିଟେନା। 'ଲାଜୁଆ ଚାହାଣୀ ସୁନେଲି ହସ, ସହଜେ ଫିଟେନା ପ୍ରେମର ଫାଶ।' କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେଲା ବେଳେ ଲାଜ କରନ୍ତି। ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ମଗଜ ଖଟାଇ ତାହାକୁ ପଢ଼ି ପାରିଲେ ହେଲା। ସେହି ଲାଜୁଆ ଇସାରାରେ ହୁଏତ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବିଳମ୍ବ କରିବାର ଆବଶ୍ୟକତା ନାହିଁ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହାତଛଡା ହୋଇଯାଇପାରେ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମିକା ମୋତେ ଅଧା ବାଟରେ ଗୁଡବାୟ କରି ଚାଲିଗଲା। କିନ୍ତୁ ଏବେ ମୁଁ ଆଉ ଜଣେ ଝିଅ ପ୍ରେମରେ ପଡିଯାଇଛି। ସେପଟେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। ଏଭଳି ପରିସ୍ଥିତିରେ କ'ଣ କରିବି ଜାଣିପାରୁନାହିଁ।

–ତପନ କୁମାର, ଢ଼େଙ୍କାନାଳ

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ସେହି ପ୍ରେମର ବୋଧହୁଏ ହଠାତ୍ ଦ ଏଣ୍ଡ ହୋଇଯାଇଛି। ତା'ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତାହା ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳି ହେଉଥିବେ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ସହ କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ମୁଁ ତା' ମନର ଗୋଟିଏ କୋଣରେ ଘରଟିଏ କରିସାରିଲିଣି। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

–ଅମନ କୁମାର, ବାଲେଶ୍ୱର

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ଆପଣ ତା' ସହ କଥା ହେଲେ ଠିକ୍ ଅଛି, ହେଲେ ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ସେହି ଅଜଣା ପ୍ରେମିକାକୁ ଠାବ କରିବା ତ ସହଜ ନୁହେଁ। ତେଣୁ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ଅଳପ ବର୍ଷାକୁ କଅଁଳ ଖରା, ଚତୁରୀ ରାଧୀକା ନ ଦିଏ ଧରା। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**–ମୋ ମନ କଥା ଜଣେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ମୁଁ ତାକୁ ସିନା କିଛି କହୁନି, ହେଲେ ସେ ମୋତେ ଦେଖିଲା ମାତ୍ରେ ହସି ଦେଉଛି। କ'ଣ କରିବି ?

–ବିନୟ, ପୁରୀ

**ଉତ୍ତର:** ଏପରି ଚାନ୍ସ ପାଇବା ପରେ ଆପଣ କେମିତି କିଛି କରିପାରୁନାହାନ୍ତି ? ବୋଧହୁଏ କେବଳ ବସି ଭାବୁଛନ୍ତି। ଏପଟେ ଏମିତି ଆପଣ ଭାବୁଥିବେ, ହେଲେ ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ତେଣୁ ବିଳମ୍ବ କରୁଛନ୍ତି କିଆଁ ? ବେଳକାଳ ଦେଖି ମନର କଥା ସେହି ସୁନ୍ଦରୀ ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କର ପ୍ରେମ ମିଶନ ସକସେସ ହେବାର ଚାନ୍ସ ଅଧିକ ରହିଛି। ତେଣୁ କେବଳ ଧାଡି ଦେଖି ଆଗକୁ ମାଡି ଚାଲନ୍ତୁ।




## ପ୍ରଥମ ରୋଜଗାର



ସାହିତ୍ୟିକା **ବନ୍ଦନା ପଣ୍ଡା** ତାଙ୍କ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

### ବାପାଙ୍କୁ ପେନ୍ ଓ ସ୍କାର୍ଫ ଦେଇଥିଲି

**ବ**ୟସର ଅପରାହ୍ନରେ ବିଧି ନିର୍ଦ୍ଦେଶ ଅନୁଯାୟୀ ସରକାରୀ ଚାକିରୀ କ୍ଷେତ୍ରରେ ନିଯୁକ୍ତି ହେଲି। ଯେତେବେଳେ କି ମତେ ବୟସ ୫୦ରୁ ଉର୍ଦ୍ଧ୍ୱ ହୋଇସାରିଥିଲା। ଉଭୟ ପରିବାରର ସହମତି ଅନୁଯାୟୀ ନିଜକୁ ଦୁହିତାର ଧର୍ମକୁ ଆଖି ଆଗରେ ରଖି କର୍ମମୟ ଜୀବନର କାର୍ଯ୍ୟଭାର ତୁଲେଇବାଟା ବହୁ କଷ୍ଟ ଦାୟକ ଥିଲା। କର୍ମ ନିଯୁକ୍ତିର ମାସକ ପରେ ପାଇଥିବା ଦରମାକୁ ନେଇ ବହୁ ସ୍ୱପ୍ନ ଓ କଳ୍ପନା। ମୋ ବାପା ପଚାରିଲେ ଦରମା ପାଇଲୁ କି ? ସେହି ପ୍ରଥମ ଦରମାରୁ କିଛି ଭୋଗ ଜଗନ୍ନାଥଙ୍କ ପାଖରେ ଭୋଗ କର ଓ ଇଷ୍ଟଦେବୀଙ୍କୁ ଦର୍ଶନ କରିବା ପାଇଁ କିଛି ସଞ୍ଚୟ କର। ତାହା ମୁଁ ବାପାଙ୍କ କଥା ଶୁଣି କରିଥିଲି ଏବଂ ବାପାଙ୍କୁ ଖୁସି କରିବା ପାଇଁ ଗୋଟିଏ କଲମ ଓ ଗୋଟିଏ ସ୍କାର୍ଫ କିଣିନେଇ ଉପହାର ଦେଇଥିଲି। ସେଥିରେ ମୋ ବାପା ଆନନ୍ଦିତ ହୋଇଥିଲେ ଓ ତାଙ୍କ ଆଖିରୁ ଆନନ୍ଦରେ ଲୁହ ଝରିଯାଇଥିଲା। ଚାକିରୀ କରିବାର ଏକବର୍ଷ ପରେ ସଞ୍ଚିଥିବା ଧନକୁ ନେଇ ଆମ ଇଷ୍ଟଦେବୀ ଖମ୍ଭେଶ୍ୱରୀଙ୍କ ହୁଣ୍ଡିରେ ପ୍ରଦାନକରି ଫେରିଥିଲି। ସ୍ୱାମୀଙ୍କ ରୋଜଗାର, ବାପାଙ୍କ ପକେଟ୍ ଖର୍ଚ୍ଚଠାରୁ ଦରମାର ଟଙ୍କା ନିଆରା ଥିଲା। ଜୀବନରେ ପ୍ରଥମ ରୋଜଗାରର ଟଙ୍କା ପାଇବାର ଆନନ୍ଦ ସହ ଖର୍ଚ୍ଚ କରିବାରେ କୁଣ୍ଠାବୋଧ ତା'ମଧ୍ୟରେ ଏକ ନିଆରା ଅନୁଭୂତି ଆଜି ବି ସତେଜ ଅଛି । ବାପାଙ୍କ ଲାଗି ଆଣିଥିବା ସ୍କାର୍ଫ ତାଙ୍କ ଦେହରେ ଦେଖିଲେ ମୁଁ ଅଧିକ ଆନନ୍ଦ ଅନୁଭବ କରେ । ପ୍ରଥମ ରୋଜଗାରର କ୍ରୟ ହୋଇଥିବା ପ୍ରତ୍ୟେକ ଜିନିଷ ସତେ ଯେପରି ଜୀବନ୍ତ। ଚାକିରୀ ଜୀବନ ଆରମ୍ଭ ହୋଇଥିଲା ୨୦୧୨ ମସିହାରେ, ଯାହାକୁ ମୁଁ ଉତ୍ତରାଧିକାରୀ ସୂତ୍ରରେ ପାଇଥିଲି । ମୋର ପ୍ରଥମ ଦରମା ୧୨୦୦୦ ଟଙ୍କା ଥିଲା ଓ କନିଷ୍ଠ କିରାଣୀ ଭାବରେ ନିୟୋଜିତ ହୋଇଥିଲି । ଗୃହକାର୍ଯ୍ୟ ସହ କର୍ମମୟ ଜୀବନର ଜଞ୍ଜାଳ କେତେ ଯେ ଯନ୍ତ୍ରଣାଦାୟକ ତାହା ଅନୁଭବି ହିଁ ଅନୁଭବ କରିପାରିବ। ବାସ୍ତବରେ ଚାକିରି କରିବା କେତେଯେ କଷ୍ଟସାଧ ତାହା ମୁଁ ଅନୁଭବ କରିପାରୁଥିଲି । ମାସିକ ଦରମାକୁ ନେଇ କେତେକ ଜଟିଳ ପ୍ରଶ୍ନର ଉତ୍ତରରେ ବେଳେବେଳେ ମୁଁ ମର୍ମାହତ ହେଉଥିଲି। ତଥାପି ମାସିକ ଦରମାକୁ ନେଇ ମୁଁ ଆୟବ୍ୟୟର ଅଟକଳ କରୁଥିଲି । ଆଗରୁ ରୋଜଗାର ଚିନ୍ତା ନ କରି ଆରାମରେ ଘରେ ରହୁଥିଲି। କିନ୍ତୁ ଚାକିରୀ କରିବା ପରେ ସମୟ ଅନୁଯାୟୀ କାର୍ଯ୍ୟାଳୟରେ ପହଞ୍ଚିବା ପୁଣି ଫେରି ସାଂସାରିକ ଜୀବନଯାପନ କରିବା ଏକ ନିଆରା ଜୀବନ ପାଲଟିଗଲା। ପ୍ରଥମ ଦିନ କାର୍ଯ୍ୟାଳୟ ନିଯୁକ୍ତିରେ ବହୁ ଭୟ ଓ ଆନନ୍ଦର ସମିଶ୍ରଣରେ ଅତିବାହିତ ହେଉଥିଲା ।

# ଜ୍ଞାନଙ୍କ ଚିତ୍ର ଦୁନିଆ



**ଶି**ଳ୍ପୀ କେବଳ ବିଭିନ୍ନ କଳାକୃତି ନିର୍ମାଣ କରେ ତା' ନୁହେଁ ବରଂ ଏହା ମାଧ୍ୟମରେ ସମାଜକୁ ସଚେତନ କରିଥାଏ। ସେମିତି ଜଣେ ଶିଳ୍ପୀ ଯେ କି ୨୨ ବର୍ଷ ହେବ ବିଭିନ୍ନ ଦେବଦେବୀ ତଥା ଓଡ଼ିଶାର ପାରମ୍ପରିକ ପର୍ବପର୍ବାଣିକୁ ନେଇ ରାଜଧାନୀର ବିଭିନ୍ନ ସ୍ଥାନର କାନ୍ଥବାଡ଼ରେ ସୁନ୍ଦର ଚିତ୍ର ଅଙ୍କନ କରିଛନ୍ତି। ଯେଉଁଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ଶିଳ୍ପୀ ଜ୍ଞାନରଞ୍ଜନ ଓଝା ଓରଫ ସମୀର। ଘର ଜଗତ୍‌ସିଂହପୁର ଜିଲା ତର୍ଡୋଲ ବ୍ଲକର ଧୂଇଁପୁରରେ। ପିତା ବିଜୟ ଓଝା ମା' ବାସନ୍ତୀ ଓଝା। ସେ କୁହନ୍ତି, ପିଲାଟିଦିନରୁ ଚିତ୍ରକଳା ପ୍ରତି ପ୍ରବଳ ଦୁର୍ବଳତା ଥିଲା। ଘରେ ମାଣବସା ଗୁରୁବାର ହେଉ କି ପର୍ବପର୍ବାଣି ମୋ ବୋଉ ଯେତେବେଳେ ଝୋଟିଚିତା ପକାଉଥାଏ ସେସବୁ ଦେଖେ, ପୁଣି ଲୁଚିଲୁଚି ସେହି ଚିତାକୁ କାନ୍ଥରେ ଅଙ୍କନ କରିବାକୁ ଚେଷ୍ଟାକରେ। ଗାଁ ସ୍କୁଲରେ ପ୍ରାଥମିକ ପଢା ସାରି ଶ୍ରୀଜଗନ୍ନାଥ ହାଇସ୍କୁଲରେ ୧୦ମ ପାସ୍ କରିଥିଲି, ପରେ ରାହାମା କଲେଜରେ ଯୁକ୍ତ୨ ଯାଏ ପଢ଼ିଲି। କିନ୍ତୁ ଗାଁରେ ଯଦି କାହାର ବାହାଘର ହେଉଥିଲା କାନ୍ଥରେ ଶୁଭବିବାହ କୁମ୍ଭ ଓ ଝୋଟି ଗାରେଇବା ପାଇଁ ଯାଉଥିଲି। ମାତ୍ର ଦିନକୁ ଦିନ ଆମ ଘରର ଆର୍ଥିକ ଅବସ୍ଥା ବିଗିଡ଼ି ଯିବାରୁ କିଛି କାମଧନ୍ଦା ଆଶାରେ ଦିନେ ଘରୁ ଲୁଚି ବେଙ୍ଗାଲୁରୁ ପଳାଇଥିଲି। ଟ୍ରେନ୍‌ରେ ଯିବାବେଳେ ଯାତ୍ରୀଙ୍କ ଚିତ୍ର ବି ଆଙ୍କିଥିଲି। ବେଙ୍ଗାଲୁରୁରେ ପହଞ୍ଚି ଏକ ଘରୋଇ କମ୍ପାନୀରେ କିଛିମାସ କାମ କଲି, ତଥାପି ଅଭାବ ଲାଗିରହିଲା। ଏଠାରେ କାମକରୁଥିବା ଅନ୍ୟ କେତେଜଣ ଯୁବକ ମୋତେ କହିଲେ ତମେ ତ ଭଲ ଚିତ୍ର ଆଙ୍କିପାରୁଛ ଏଥିରେ ଭଲ ରୋଜଗାର କରିପାରନ୍ତ! ତା'ପରେ ନିଷ୍ପତ୍ତିନେଲି ଚିତ୍ରକଳାକୁ ରୋଜଗାରର ମାଧ୍ୟମ କରିବି। ୨୦୦୨ରେ ବେଙ୍ଗାଲୁରୁରୁ ଓଡିଶାକୁ ଫେରିଆସିଥିଲି। ଭୁବନେଶ୍ୱରର ଏକ ପାର୍କରେ ବସିଥାଏ। ଜଣେ ଯୁବକ ଦେଖାହେଲେ, ତାଙ୍କୁ କହିଲି ମୋ ପାଇଁ କିଛି ରୋଜଗାର ବ୍ୟବସ୍ଥା ହୋଇପାରିବ। ସେ ମୋତେ ଜଣଙ୍କ ଘରେ ରହିବାକୁ କହିଲେ। ତାଙ୍କ ଘରେ ପ୍ରାୟ ୪ମାସ ଧରି ବିଭିନ୍ନ କାମଦାମ କଲି। ହଇରାଣ ହୋଇ ସେଠାରୁ ଫେରିଆସିଲି। ଭୁବନେଶ୍ୱରରେ ଏକ ଘରଭଡ଼ା ନେଇ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟର ଚିତ୍ର ଅଙ୍କନକରି କିଛି ଟଙ୍କା ରୋଜଗାର କଲି। ପାଠ ପଢ଼ିବା ପାଇଁ ପ୍ରାୟ ୩ହଜାର ଟଙ୍କା ସଞ୍ଚୟ କରିଥିଲି। ସେଥିରେ ବି.କେ. ଆର୍ଟ କଲେଜରେ ନାମ ଲେଖାଇଲି। ଇଣ୍ଡିଆନ ପେଣ୍ଟିଂରେ କୋର୍ସ କଲି କିନ୍ତୁ ପ୍ରଥମେ ପଟଚିତ୍ର ତାଲିମପାଇଁ ଚିନ୍ତା କରିଥିଲି ହେଲେ ଝୋଟିଚିତାରେ ଶିକ୍ଷାପାଇଲି। ଏଥିପାଇଁ ପ୍ରାୟ ୪ବର୍ଷ ପାଠପଢି ମାଷ୍ଟର ଡିଗ୍ରୀ ହାସଲ କଲି। ହାୟର ଫାଷ୍ଟକ୍ଲାସ୍‌ରେ ଉତ୍ତୀର୍ଣ୍ଣ ହୋଇଥିବାରୁ ମୋତେ ଷ୍ଟାଇପେଣ୍ଡ ମଧ୍ୟ ମିଳିଲା। ଏହା ପରେ ବିଜୟସାର୍‌ଙ୍କ ଘରେ ରହି ତାଙ୍କଠାରୁ ଚିତ୍ରକଳା ତାଲିମ ପାଇଲି। ଲଳିତକଳା ଏକାଡେମିରେ କିଛି ଚିତ୍ରକରିବାର ସୁଯୋଗ ମିଳିଲା। ଏଥିରେ ମୋତେ ଭଲ ପାରିଶ୍ରମିକ ବି ମିଳିଥିଲା। ପରେ ବଡ଼ମ୍ବା ନରସିଂହପୁର ବ୍ରିଜ କାମରେ ସୁନ୍ଦରସୁନ୍ଦର ଝୋଟିଚିତ୍ର ଅଙ୍କନ କରିବା କାମ ପାଇଲି। ଏହା ପରେ ଗଜେନ୍ଦ୍ର ସାର୍‌ଙ୍କ ସହିତ କୋଣାର୍କରେ ମୋତେ ଝୋଟିଚିତା ଚିତ୍ରକରିବାକୁ ପ୍ରଥମେ ସୁଯୋଗ ମିଳିଥିଲା। ଏଠାରେ ପାରମ୍ପରିକ ଝୋଟିଚିତା ଅଙ୍କନ କରିଥିବାରୁ ଝୋଟିଚିତା ଶିଳ୍ପୀଭାବେ ପରିଚୟ ମିଳିଛି। ଆଉ ସେବେଠାରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚିତ୍ର ଅଙ୍କନ କାମ ମିଳୁଛି। ଏଥିରେ ଭଲ ରୋଜଗାର ବି ହେଉଛି, ସମ୍ମାନ ବି ମିଳୁଛି। ଦିଲ୍ଲୀରେ ରାଜ୍ୟସ୍ତରୀୟ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଯାଜପୁର, ଭୁବନେଶ୍ୱରରେ କେତେକ ୟୁଥ୍ କ୍ଲବ୍‌ରୁ ପୁରସ୍କାର ମିଳିଛି। ମୋ ସ୍ୱପ୍ନ ଏବେ ମତେ ପରିଚୟ ଦେଇଛି। ମୋ ରୋଜଗାରର ମାଦ୍ୟମ ହୋଇଛି। ତାହାହିଁ ମୋ ପାଇଁ ବଡ଼ କଥା। ଜଣେ ଓଡ଼ିଆଘରର ଝୋଟିଚିତା ଶିଳ୍ପୀଭାବେ ବହୁତ ଖୁସିରେ ଅଛି।

–ବନବିହାରୀ ବେହେରା








# ଐତିହ୍ୟ ଗୃହ; ଦିନେ ଥିଲା ଆଶ୍ରୟସ୍ଥଳୀ

**ପୁ**ରୀଜିଲାର ସମୁଦ୍ର ବେଳାଭୂମିରେ ରହିଥିବା ଝାଉଁ ଜଙ୍ଗଲର ପ୍ରତି ୫ ରୁ ୬ କି.ମି. ଦୂରରେ ବ୍ରିଟିଶ ସମୟର ବହୁ ପୁରାତନ କୀର୍ତ୍ତିରାଜୀ ଗୃହ ଦେଖିବାକୁ ମିଳୁଛି । ଆବଶ୍ୟକ ସୁରକ୍ଷା ଅଭାବରୁ ଏମିତି ପୁରାତନ ଐତିହ୍ୟ ଗୃହ ଆଜି ଲୋପ ହେବାକୁ ବସିଛି । ସେଥିମଧ୍ୟରୁ ଏହି ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଖିରିସାହି ନିକଟସ୍ଥ ବଙ୍ଗୋପସାଗର କୁଳରେ ରହିଥିବା ଝାଉଁ ଜଙ୍ଗଲରୁ ଉଦ୍ଧାର ହୋଇଛି ଏକ ଭଗ୍ନ ଗୃହ। ଏହାକୁ ଟିଟିପ ଗ୍ରାମର ସ୍ୱର୍ଗତ ଉଦୟନାଥ ଜେନା ଆଜକୁ ପ୍ରାୟ ୧୦ ବର୍ଷ ପୁର୍ବେ ଉଦ୍ଧାର କରିଥିଲେ । ଏହି ଗୃହକୁ ଘେରି ରହିଥିବା ବୃକ୍ଷକୁ କାଟି ଚତୁପାର୍ଶ୍ୱରେ ଫୁଲ ଗଛ ଲଗାଇ ପାର୍କ କରିବା ଉଦ୍ୟମ କରିଥିଲେ । ମାତ୍ର ଏହା ଏବେ ଭଗ୍ନ ହେବାକୁ ବସିଛି । ଲୋକଙ୍କ ମୁଖରୁ ଶୁଣିବାକୁ ମିଳେ ଯେ, ଉକ୍ତ ଗୃହ ବ୍ରିଟିଶ ସମୟର । ପୂର୍ବେ ଯେତେବେଳେ ଏହି ଅଞ୍ଚଳରେ ରାସ୍ତା ଘାଟର କୌଣସି ସୁବିଧା ନ ଥିଲା ସେତେବେଳେ ରାଜାଙ୍କ ଠାରୁ ବାର୍ତ୍ତା ବହନ କରି ଚିଠି ନେଇକି ଅନ୍ୟ ରାଜାଙ୍କ ନିକଟକୁ ଯାଉଥିବା ବାର୍ତ୍ତାବାହାକ ସନ୍ଧ୍ୟାହୋଇଗଲେ ଏଠାରେ ଥିବା ଏହି ଗୃହରେ ଆଶ୍ରୟ ନେଉଥିଲେ । ଉକ୍ତ ଗୃହ ଇଟା ଏବଂ ସେ ସମୟର ଚୂନ ଓ ଗୁଡ଼ ମିଶ୍ରିତ ସିମେଣ୍ଟରେ ତିଆରି ହୋଇଛି । କାନ୍ଥର ମୋଟା ୩ ଫୁଟରୁ ଅଧିକ। ରକ୍ଷଣାବେକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହି ଗୃହକୁ ସରକାରୀସ୍ତରରେ ସୁରକ୍ଷିତ ରଖିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି । ଏହାର ସୁରକ୍ଷା ହୋଇପାରିଲେ ପର୍ଯ୍ୟଟନ କ୍ଷେତ୍ରକୁ ଏହା ଏକ ନିଆରା ପରିଚୟ ଦେଇପାରିବ ଏଥିରେ ସନ୍ଦେହ ନାହିଁ ।

–କୈଳାଶ ପଟ୍ଟନାୟକ





ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ନିଗମାନନ୍ଦ,ଡିଜାଇନର– ପ୍ରିତମ୍ ନାୟକ
ମେକଅପ୍–ଶିବାନୀ ମିଶ୍ର

ତନୟା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ହାଃ ହାଃ

## କିଛି କର

ପ୍ରେମିକା କାନ୍ଦି କାନ୍ଦି ପ୍ରେମିକକୁ– ସବୁ ସରିଗଲା ।
ପ୍ରେମିକ– କ'ଣ ହେଲା ଜାନୁ ?
ପ୍ରେମିକା– ବାପା ମୋର ବାହାଘର ଠିକ୍ କରିଦେଇଛନ୍ତି ।
ପ୍ରେମିକ–ଓଃ ।
ପ୍ରେମିକା–ଓଃ, କ'ଣ ? କିଛି ଗୋଟେ କର ।
ପ୍ରେମିକ– ଠିକ୍ ଅଛି, ମୁଁ ଆଜି ହିଁ ମୋ ପାଇଁ ଆଉ ଗୋଟେ ଝିଅ ଠିକ୍ କରୁଛି ।

## ଜୀବନ

ଶିକ୍ଷକ– ପିଲାମାନେ ଶପଥ ନିଅ ମଦ, ସିଗାରେଟ୍ କେବେ ଛୁଇଁବନି ।
ପିଲାମାନେ–ଛୁଇଁବୁନି ।
ଶିକ୍ଷକ–ଝିଅଙ୍କ ଚକ୍କରରେ ପଡିବନି ।
ପିଲାମାନେ– କେବେ ପଡିବୁନି ।
ଶିକ୍ଷକ–ଫେସ୍‌ବୁକ୍‌କୁ ସାଥୀ କରିବନି ।
ପିଲାମାନେ– କରିବୁନି ।
ଶିକ୍ଷକ– ଦେଶ ପାଇଁ ଜୀବନ ଦେବ ।
ପିଲାମାନେ– ଜୀବନ ଦେଇଦେବୁ । ଏଭଳି ଜୀବନ ଥାଇ ଲାଭ କ'ଣ ହେବ ଯେ ।

## ଶବ୍ଦ

ମ୍ୟାନେଜର୍ ଚାକିରି ପାଇଁ ନିବେଦନ କରିଥିବା ପ୍ରାର୍ଥୀଙ୍କୁ– ତମେ ଏମିତି ଏକ ଇଂରାଜୀ ଶବ୍ଦ କହିପାରିବ ଯେଉଁଥିରେ ୧୦୦ରୁ ଊର୍ଦ୍ଧ୍ୱ ଲେଟର୍ ଥିବ ?
ପ୍ରାର୍ଥୀ– ହଁ, ନିଶ୍ଚୟ ।
ମ୍ୟାନେଜର୍– ତେବେ କହିଲ ଦେଖି ।
ପ୍ରାର୍ଥୀ– ପୋଷ୍ଟ ବକ୍ସ ।



# ଅରିତାର

## ଯେଉଁଠି ମିଳେ ମନକୁ ଶାନ୍ତି



ସିକ୍କିମସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଅରିତାର। ଏଠାକାର ଶାନ୍ତ ତଥା ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ବିଶେଷକରି ସକାଳ ସମୟରେ ଏହି ସ୍ଥାନର ଅପୂର୍ବ ଶୋଭା କାହାକୁ ବି ଆକର୍ଷିତ କରିପାରେ। ତେଣୁ ପ୍ରାୟତଃ ଦେଖାଯାଏ, ପରିବାର ସଙ୍ଗେ ହେଉ ଅବା ସାଙ୍ଗସାଥୀ ଅଥବା ନିଜ ଜୀବନସାଥୀ ସହ କ୍ୱାଲିଟି ଟାଇମ୍ ବିତାଇବା ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି।

ଅପୂର୍ବ ପ୍ରାକୃତିକ ଶୋଭା ସାଙ୍ଗକୁ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀକୁ ନିଜ ଭିତରେ ସାଇତି ରଖିଥିବା ଅରିତାର ହେଉଛି ସିକ୍କିମ୍ସ୍ଥିତ ଏକ ଶାନ୍ତ, ମନୋରମ ସ୍ଥାନ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ବହୁ ଉଚ୍ଚ ଉଚ୍ଚ ପାହାଡ, ଘଞ୍ଚ ଜଙ୍ଗଲ, ହ୍ରଦ, ଝରଣା ଆଧ୍ୟାତ୍ମିକ ପୀଠ ସାଙ୍ଗକୁ ଆହୁରି ଅନେକ କିଛି। କେବଳ ସେତିକି ନୁହେଁ ଏଠାରେ ବହୁ ଦୁଃସାହସିକ କ୍ରୀଡ଼ା ପାଇଁ ବି ରହିଛି ସୁବିଧା ଓ ସୁଯୋଗ। ସେଥିପାଇଁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ଯା'ଆସ ଲାଗି ରହିଥାଏ।

### କ'ଣ ଦେଖିବେ

✲ **ଲମ୍ପୋଖରୀ:** ଏହା ହେଉଛି ସିକ୍କିମ୍ସ୍ଥିତ ଏକ ବହୁ ପୁରୁଣା ପ୍ରାକୃତିକ ହ୍ରଦ, ଯାହାର ସୌନ୍ଦର୍ଯ୍ୟ ଏବେ ବି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଅରିତାରର ଖୁବ୍ ନିକଟରେ ରହିଛି ଏହି ହ୍ରଦଟି। ଏଠାରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବୋଟିଂର ସୁବିଧା ପ୍ରଦାନ କରାଯାଇଥାଏ। କେବଳ ସେତିକି ନୁହେଁ ପ୍ରତିବର୍ଷ ଏପ୍ରିଲ୍- ମେ' ଆଡ଼କୁ ଏଠାରେ ଲମ୍ପୋଖରୀ ଟୁରିଜମ୍ ଫେଷ୍ଟିଭାଲ୍ର ଆୟୋଜନ କରାଯାଇଥାଏ ; ଯେଉଁ ସମୟରେ ବିଭିନ୍ନ ପ୍ରକାର ଦୁଃସାହସିକ କ୍ରୀଡ଼ା ଯେମିତି କି ବୋଟିଂ, ଘୋଡ଼ା ସବାରି, ପରମ୍ପରାଗତ ତୀର ଚାଳନା, ଟ୍ରେକିଂ, ରକ୍ କ୍ଲାଇମ୍ବିଂ, ପାରାଗ୍ଲାଇଡିଂ ଆଦି ପ୍ରତିଯୋଗିତାରେ ଭାଗ ନେବାକୁ ବହୁ ସଂଖ୍ୟାରେ ପ୍ରତିଯୋଗୀ ଏଠାକୁ ଆସିଥାନ୍ତି।

✲ **ଅରିତାର ଗୁମ୍ଫା:** ଏହା ହେଉଛି ସ୍ଥାନୀୟ ଏକ ପୁରାତନ ମଠ। ଏହି ମଠର କାରୁକାର୍ଯ୍ୟ ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥାଏ।

✲ **ଡାକବଙ୍ଗଳା:** ଏହା ଅରି-ବଙ୍ଗଳା ନାମରେ ବି ପରିଚିତ। ବହୁ ପୁରୁଣା ଏହି ବଙ୍ଗଳାକୁ କୁଆଡ଼େ ବ୍ରିଟିଶ୍ମାନେ ନିର୍ମାଣ କରିଥିଲେ ବୋଲି ସୂଚନା ରହିଛି।

✲ **ପର୍ବତେଶ୍ୱର ଶିବାଳୟ ମନ୍ଦିର:** ପାହାଡ଼ ଉପରେ ଅବସ୍ଥିତ ଏହି ଶିବାଳୟରେ ପ୍ରତିବର୍ଷ ଶିବରାତ୍ରି ଓ ଶ୍ରାବଣ ମାସରେ ଭକ୍ତଙ୍କର ବେଶ୍ ଗହଳି ଦେଖିବାକୁ ମିଳିଥାଏ।

✲ **ମଙ୍ଖିମ୍:** ଏହା ହେଉଛି ଅରିତାରସ୍ଥିତ ଅନ୍ୟତମ ଆଧ୍ୟାତ୍ମିକ ପୀଠ। ପ୍ରକୃତିକୁ ପୂଜା କରୁଥିବା ସ୍ଥାନୀୟ ରାୟ ଜନଜାତି ଲୋକମାନଙ୍କର ଏହା ହେଉଛି ମନ୍ଦିର। ପ୍ରତିବର୍ଷ ଏପ୍ରିଲ୍-ମେ' ସମୟରେ ଏଠାରେ ସାକେବ ନାମକ ଏକ ବିଶେଷ ପୂଜାର ଆୟୋଜନ କରାଯାଇଥାଏ। ଚାଷରେ ଭଲ ଅମଳ ହେବାର ଲକ୍ଷ୍ୟ ରଖି ସେମାନେ ଏହି ପୂଜା କରିଥାନ୍ତି ବୋଲି ବିଶ୍ୱାସ ରହିଛି।

✲ **ଏଭରଗ୍ରୀନ୍ ନର୍ସରୀ ଓ ରାମଗୌରୀ ସଂଗ୍ରହାଳୟ:** ଏଠାରେ ବିଭିନ୍ନ ପ୍ରକାର ଫୁଲ ଗଛ ସହ ଅନେକ ଔଷଧୀୟ ବୃକ୍ଷ ଦେଖିବାର ସୁଯୋଗ ପାଇପାରିବେ ପର୍ଯ୍ୟଟକ। ତା'ସହିତ ନାନାଦି ରକମର କାଠ ବିଷୟରେ ଜାଣିବାର ବି ସୁବିଧା ଏଠାରେ ଉପଲବ୍ଧ ରହିଛି।

✲ **କାଲି ଖୋଲ୍ ଜଳପ୍ରପାତ:** ମାତ୍ର ୧୦୦ ମିଟର ଉଚ୍ଚତା ବିଶିଷ୍ଟ ଏହି ଜଳପ୍ରପାତଟି ହେଉଛି ଅରିତାରର ଅନ୍ୟତମ ଆକର୍ଷଣ। ଏହାକୁ କେହି କେହି ଲୋନ୍ଲି ଜଳପ୍ରପାତ ବୋଲି ମଧ୍ୟ କହିଥାନ୍ତି।

✲ **ଚାଙ୍ଗେ ଜଳପ୍ରପାତ:** ଲମ୍ପୋଖରୀ ନିକଟସ୍ଥ ଏହା ହେଉଛି ଅନ୍ୟତମ ଜଳପ୍ରପାତ। ମାତ୍ର ୫୦ ମିଟର ଉଚ୍ଚତା ବିଶିଷ୍ଟ ଏହି ଜଳପ୍ରପାତଟିର ଆକର୍ଷଣୀୟ ଦୃଶ୍ୟ କାହାକୁ ବି ଆକର୍ଷିତ କରିପାରେ।

✲ **ଲଙ୍ଗଚୋକ୍ ଉପତ୍ୟକା:** ଏହା ହେଉଛି ଅରିତାର ନିକଟସ୍ଥ ଏକ ଲୋକପ୍ରିୟ ଟ୍ରେକିଂ ଡେଷ୍ଟିନେଶନ।

✲ **ଲଭ୍ ଦାରା:** ଏହା ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପିକ୍ନିକ୍ ସ୍ପଟ୍।

### କେବେ ଓ କେମିତି ଯିବେ

ବର୍ଷର ଯେକୌଣସି ସମୟରେ ଅରିତାରକୁ ବୁଲିଯିବାର ସୁବିଧା ଥିଲେ ହେଁ ଶୀତଦିନେ ଏଠାରେ ବେଶ୍ ଭିଡ଼ ଜମୁଥିବା ଦେଖିବାକୁ ମିଳିଥାଏ। ଅନ୍ୟପକ୍ଷେ ଏପ୍ରିଲ୍-ମେ' ସମୟରେ ବି ଏଠି ଆଗନ୍ତୁକଙ୍କର ପ୍ରବଳ ଗହଳି ପରିଲକ୍ଷିତ ହୋଇଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ଯେହେତୁ ଅରିତାରରେ କୌଣସି ରେଳଷ୍ଟେଶନ ନାହିଁ, ତେଣୁ ପର୍ଯ୍ୟଟକଙ୍କୁ ନ୍ୟୁ ଜଲପାଇଗୁଡ଼ି ଜଙ୍କସନ୍ ରେଲୱେ ଷ୍ଟେଶନରେ ପହଞ୍ଚି ସେଠାରୁ ଟ୍ୟାକ୍ସି ହେଉ ଅବା କ୍ୟାବ୍ ଭଡ଼ା କରି ଅରିତାରକୁ ଯିବାକୁ ହୋଇଥାଏ। ଅନ୍ୟପକ୍ଷେ ବାଗ୍ଡୋଗ୍ରା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ହେଉଛି ଅରିତାରର ନିକଟବର୍ତ୍ତୀ ମୁଖ୍ୟ ବିମାନବନ୍ଦର। ସେଠାରୁ ବି ଅରିତାରକୁ ଯିବା ପାଇଁ ଟ୍ୟାକ୍ସିର ସୁବିଧା ରହିଛି। ଏସବୁ ବାଦ୍ ଦେଶର ବିଭିନ୍ନ ସ୍ଥାନରୁ ବି ସିକ୍କିମ୍କୁ ଯିବା ପାଇଁ ଟୁରିଷ୍ଟ ବସ୍ର ବ୍ୟବସ୍ଥା ରହିଛି। ଯଦ୍ୱାରା ପର୍ଯ୍ୟଟକ ସିକ୍କିମ୍ରେ ପହଞ୍ଚି ସେଠାରୁ ଟାଉନ୍ ବସ୍ ହେଉ ଅବା ଟ୍ୟାକ୍ସି ସାହାଯ୍ୟରେ ଯାଇ ଆରାମରେ ଅରିତାରରେ ପହଞ୍ଚିପାରିବେ।











# ପଶ୍ମିନା ଶାଲ୍

**ପଶ୍ମିନା ଶାଲ୍ କେବଳ ଭାରତରେ କାହିଁକି ବିଦେଶରେ ବି ବେଶ୍ ଲୋକପ୍ରିୟ। ଏବେ ତ ଏହା ଷ୍ଟାଟସ୍‌ର ପ୍ରତିକ ପାଲଟିଗଲାଣି। ବଡ଼ ବଡ଼ ସେଲିବ୍ରିଟିଙ୍କର ଏହା ପ୍ରଥମ ପସନ୍ଦ। ହେଲେ ଜାଣନ୍ତି କି ଏହା କେବେଠୁ ଆରମ୍ଭ ଓ କେମିତି ହେଲା ଏତେ ଲୋକପ୍ରିୟ। ଜାଣନ୍ତୁ ସେ ସମ୍ପର୍କରେ...**

ପଶ୍ମିନା ଶାଲ୍‌କୁ କେହି କେହି 'କଶ୍ମିରୀ ଶାଲ୍' ବି କୁହନ୍ତି। ପଶ୍ମିନା ଶବ୍ଦଟି ଫାରସୀ ଶବ୍ଦ 'ପଶ୍ମ'ରୁ ଆସିଛି। ଯାହାର ଅର୍ଥ ହେଉଛି ଉଲ୍। ପଶ୍ମିନା ଉଲ୍ କଶ୍ମିରର ଏକ ଖାସ୍ ପ୍ରଜାତିର ପାହାଡି ଛେଳିରୁ ବାହାର କରାଯାଇଥାଏ, ଯାହାର ନାଁ ଚ୍ୟାଙ୍ଗରା। ଏହି ଛେଳି ଶୀତଦିନେ ନିଜ ଶରୀରର ଉଲ୍‌ର ଉପର ସ୍ତରକୁ ନିଜେ ତ୍ୟାଗ କରିଥାଏ। ତେଣୁ ଏହାକୁ କାଟିବାକୁ ପଡି ନ ଥାଏ। ହେଲେ ପଶ୍ମିନା ଶାଲ ପ୍ରସ୍ତୁତି ପ୍ରକ୍ରିୟା ବହୁତ ଜଟିଳ। ଗୋଟିଏ ଶାଲ ତିଆରି କରିବା ପାଇଁ ତିନିଟି ଚ୍ୟାଙ୍ଗରା ଛେଳିର ଉଲ ଆବଶ୍ୟକ ହୁଏ। ୭-୧୦ ଦିନ ଲାଗେ ଗୋଟିଏ ଶାଲ ତିଆରି କରିବାକୁ। ତେଣୁ ଏହାର ମୂଲ୍ୟ ବହୁତ ଥାଏ। ଐତିହାସିକଙ୍କ ମତରେ କଶ୍ମିରର ପଞ୍ଚଦଶ ଶତାବ୍ଦିର ଶାସକ ଜୈନୁଲ ଆବ୍‌ଦିନ ସୁବେଠାରେ ଉଲ୍ ଉଦ୍ୟୋଗର ସ୍ଥାପନା କରିଥିଲେ ଓ କଶ୍ମିରୀ ପଶ୍ମିନା ଶାଲ୍‌କୁ ପ୍ରୋତ୍ସାହିତ କରିଥିଲେ। ତେବେ କିଛି ଐତିହାସିକ ପଶ୍ମିନା ଶାଲ୍‌ର ଇତିହାସ ଏହାଠାରୁ ବି ବହୁ ପୂର୍ବର ବୋଲି କୁହନ୍ତି। ମୋଗଲ ଶାସନ ସମୟରେ କଶ୍ମିରୀ ଶାଲ୍‌ର ଲୋକପ୍ରିୟତା ବଢିଲା। ଆଉ କଶ୍ମିର ବ୍ୟତିତ ଏହା ଭାରତର ବିଭିନ୍ନ ସ୍ଥାନ ସହ ପୃଥିବୀର ବିଭିନ୍ନ କୋଣକୁ ଏହାର ସୁଗନ୍ଧ ପହଞ୍ଚିଥିଲା। ଐତିହାସିକଙ୍କ ମତରେ ବାବରଙ୍କ ଶାସନକାଳରେ ବିଶ୍ୱସ୍ଥ ତଥା ଖାସ୍ ବ୍ୟକ୍ତିଙ୍କୁ ଖିଲତ୍ 'ସମ୍ମାନ ବସ୍ତ୍ର' ପ୍ରଦାନ କରିବା ପରମ୍ପରା ଆରମ୍ଭ ହୋଇଥିଲା। ଖିଲତ୍‌ରେ ପଗଡି, କୋଟ୍, ଗାଉନ୍ ଓ ଅନ୍ୟାନ୍ୟ ବସ୍ତ୍ର ସହ କଶ୍ମିରୀ ପଶ୍ମିନା ଉଲ୍‌ରେ ପ୍ରସ୍ତୁତ ସାମଗ୍ରୀ ବି ସାମିଲ କରାଯାଇଥିଲା। ପରେ ୧୫୬୮ରେ ଯେବେ ଆକବର କଶ୍ମିର ଉପରେ ପୂର୍ଣ୍ଣ ବିଜୟ ଲାଭ କଲେ, ଏକ ଖାସ୍ ଖିଲତ୍ ସମାରୋହ କରାଯାଇଥିଲା। ଯେଉଁଥିରେ କଶ୍ମିରୀ ପଶ୍ମିନା ଶାଲ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହି ସମୟରେ ଅନ୍ୟ ସମ୍ରାଟ ଯେମିତିକି ସଫଓ୍ୱିଦ ଓ କଜରୋଁ ମଧ୍ୟ ପଶ୍ମିନା ଶାଲ ପିନ୍ଧିବା ସହ ଭେଟି ସ୍ୱରୂପ ପ୍ରଦାନ କରୁଥିଲେ। ଏହିଭଳି ଭାବେ ଧୀରେ ଧୀରେ ପଶ୍ମିନା ଶାଲ୍ ଭାରତ ବ୍ୟତିତ ପଡୋଶୀ ଦେଶରେ ବି ପ୍ରସିଦ୍ଧ ହେବାରେ ଲାଗିଲା। ନେପାଳ ଓ ଅନ୍ୟ ଦେଶରେ ଏହି ଶାଲ୍‌କୁ ଯୌତୁକରେ ଦେବା ଅନିବାର୍ଯ୍ୟ କରାଗଲା। ୟୁରୋପର ସବୁ ଦେଶରେ ବି ଏହା ଲୋକପ୍ରିୟ ହେବାକୁ ଲାଗିଲା।








# ଏତେ ବଡ ଇରେଜର୍!

ପେନ୍‌ସିଲର ବନ୍ଧୁ ହେଉଛି ଇରେଜର୍। ସବୁ ସ୍କୁଲ ପିଲାଙ୍କ ପେନ୍‌ସିଲ ବକ୍ସରେ ଏହା ଥାଏ। ପେନ୍‌ସିଲ୍‌ରେ ଲେଖିବାବେଳେ ଯଦି କିଛି ଭୁଲ ହୋଇଯାଏ ଛୋଟିଆ ଇରେଜର୍‌କୁ ହାତରେ ଧରି ତାକୁ ଲିଭେଇ ଦିଆଯାଏ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ଇରେଜର୍ ତିଆରି କରାଯାଇଛି, ଯାହାକୁ ନା ପେନ୍‌ସିଲ ବକ୍ସ ଭିତରେ ରଖି ହେବ। ନା ଛୋଟ ପିଲା ତାକୁ ଉଠାଇ ହାତରେ ଧରିପାରିବେ। କାରଣ ଏହି ଇରେଜର୍ ବହୁତ ବଡ଼। ଜାପାନର ଇରେଜର୍ ତିଆରି କରୁଥିବା କମ୍ପାନୀ 'ସିଡ୍' ଏହାକୁ ତିଆରି କରିଛି। ଏସ୍-୧୦୦୦୦ ନାମକ ଉକ୍ତ ଇରେଜର୍ ପୃଥିବୀର ସବୁଠାରୁ ବଡ଼ ବୋଲି ଦାବି କରାଯାଉଛି। ଏହାର ଓଜନ ୨ କିଲୋ ୨୮୫ ଗ୍ରାମ ହୋଇଥିବାବେଳେ ଏହାର ଦାମ ୧୦୦ ଡଲାର। ଏହି ଇରେଜର୍ ଭଲ ଲିଭାଇପାରୁଥିଲେ ହେଁ ଏତେ ବଡ ଇରେଜର୍‌କୁ କିଏ ବା କାହିଁକି କିଣିବ ଅନେକେ ପ୍ରଶ୍ନ କରନ୍ତି। ହେଲେ କମ୍ପାନୀ କିଛି ଭିନ୍ନ କରିଥିବାରୁ ଆତ୍ମସନ୍ତୋଷ ପ୍ରକାଶ କରେ।





## କଥା ଚାଟ୍

### ଶ୍ରୀମାନ୍ ସର୍ବଗିଳା

# ବିଶିଷ୍ଟ ସମାଜ ସେବକ



ଯେମିତି କେହି ତାଙ୍କର ସ୍ୱତନ୍ତ୍ର ଧରଣର ପରିଚୟ ଦେବାକୁ ଯାଇ ନାଁ ପୂର୍ବରୁ ଡକ୍ଟର, ଅଧ୍ୟାପକ, ଇଞ୍ଜିନିୟର ଇତ୍ୟାଦି ଆପଣା ଯୋଗ୍ୟତା ବିଚାରରେ ଲେଖିଥାନ୍ତି, ସେମିତି ନିଆରା କବି ବୋଲି ଗୌରବ ବଢ଼ାଇବାକୁ ନାମ ପୂର୍ବରୁ ବିପ୍ଳବୀକବି, ବ୍ୟାଙ୍ଗକବି, ବିରହୀକବି, ପ୍ରକୃତିକବି, ଦରଦୀକବି ଯୋଡ଼ିଥାନ୍ତି । ସେଇକଥା ଭାବି ବିଲୁବାବୁ ତାଙ୍କ ଶୁଭନାମ ଆଗରୁ ଯେଉଁଦିନଠୁ ବିଶିଷ୍ଟ ବରିଷ୍ଠ ସମାଜସେବକ ବିଲାତି ବେହେରା ପରିଚୟ ଦେଇ ଲେଖେଇଲେ, ସେବେଠୁ ତାଙ୍କ ଛାତିକି କୁଣ୍ଢେ ପାଉ ନ ଥିଲା । ଓଜନିଆ ସମାଜସେବୀ ଭାବରେ ମଞ୍ଚରେ ଚଢ଼ି ଗର୍ଜନକରି ଭାଷଣଦେବାକୁ ସାହସ ବଢ଼େଇଲେ । ଅନ୍ୟ ନିମନ୍ତ୍ରିତ ବକ୍ତା, ସମ୍ମାନିତ ଅତିଥିଙ୍କ ପରି ଉଚ୍ଚଶିକ୍ଷିତ ନ ହୋଇ ମାଇନସ ସପ୍ତମ କ୍ୱାଲିଫିକେଶନ ବିଲୁବାବୁଙ୍କ ଯୋଗ୍ୟତା ଥିଲେ ବି, ଏଇ ବିଶିଷ୍ଟ ବରିଷ୍ଠ ଜନସେବକ ବିଶେଷଣଯୁକ୍ତ ସମ୍ବୋଧନ ସାଙ୍ଗକୁ ସୁଟ୍‌ବୁଟ୍ ବ୍ଲେଜର ପିନ୍ଧି କଳାଚଷମା ଆଖିରେ ଲଗେଇ ନାଲିଆ ଟାଏ ଗଳାରେ ଭିଡ଼ିକି ଯେବେ ମଞ୍ଚରେ ବସନ୍ତି, ନିଜକୁ ସେ ଅନ୍ୟଠାରୁ ଅଧିକ ଜ୍ଞାନୀ, ପଣ୍ଡିତ, ଓଜନଦାର ବ୍ୟକ୍ତିତ୍ୱ ମନେକରି ନାକକୁ ଫୁଲେଇ ନିଃଶ୍ୱାସ ମାରନ୍ତି । ଅଳ୍ପ ଭାଷଣ ଦେଉ ଦେଉ ମଞ୍ଚ ତଳେ ବସିଥିବା ଶ୍ରୋତା-ଜନତାଙ୍କୁ ବେଶି ବେଶି ତାଳି ମାରିବାକୁ କୁହନ୍ତି ।

ଭଲବେଳା ପଡ଼ିଲେ ଡୁଠରେ ପଡ଼ିଥିବା ପଥର ଠାକୁରହୋଇ ମନ୍ଦିରରେ ପୂଜାପାଏ । ବେଳା ଖରାପ ପଡ଼ିଲେ ଆଚ୍ଛା ଆଚ୍ଛା ଜ୍ଞାନୀ ଗୁଣୀ ଜନ ବି ସାଧାରଣ ଜନତାଙ୍କ ଦ୍ୱାରା ଉପହସିତ ବା ଉପେକ୍ଷିତ ହୁଅନ୍ତି । ଅସଲକଥା ହେଲା ବିଧାତା ଜାଣ ବିଲାତି ବେହେରାଙ୍କ ଭାଗ୍ୟକୁ ଏମିତି କରେଇଛନ୍ତି । ଯୋଉଦିନ ସପ୍ତମଶ୍ରେଣୀ ହିଡ଼ ଡେଇଁ ନ ପାରିବାରୁ ବାପା ତାଙ୍କୁ ଗୋଗଛ ବଡ଼ିଆକରି ଦିହ ମୁଣ୍ଡ ହାତ ଗୋଡ଼ ଗାଲକୁ ପାତିମାଙ୍କଡ଼ ପଛ ପରି ରଙ୍ଗିନ କରେଇଦେଲେ, ସେଇଦିନଠୁ ବିଲୁବାବୁଙ୍କ ଭିତରେ ଏକରକମର ବୈରାଗ୍ୟ ଉତ୍ପନ୍ନ ହେଲା । ତେଣୁ ରାଗରୁ ବୈରାଗୀ ହୋଇ ଗାଁ ଗଣ୍ଡା, ସାଙ୍ଗସାଥୀ, ପ୍ରିୟଜନଙ୍କ ସହ ସମ୍ପର୍କ ଛିନ୍ନକରି ମୋହ ତୁଟେଇ ଲୁଚି ସହରକୁ ପଳେଇଆସିବାକୁ ବିବେକ ବାଧକଲା । ସହରରୁ ଗାଁକୁ ଆସିଥିବା ରଡ୍ ବୋଝେଇ ଟ୍ରକ୍ ଅନ୍‌ଲୋଡ୍ ହେଲାପରେ ଗାଡ଼ିବାଲା ଅଗୋଚରରେ ଡାଲାରେ ସେ ଲୋଡ୍‌ହୋଇ ମାଗଣାରେ ସହରକୁ ପଳେଇଆସିଲେ ସିନା, ହେଲେ ଏଠି ଖାଇବେ କ'ଣ, ରହିବେ କୋଉଠି ଭାବି ଭାବି ବସ୍‌ଷ୍ଟାଣ୍ଡରେ ପହଞ୍ଚିଗଲେ । ଯାତ୍ରୀମାନେ ଗାଡ଼ିକୁ ଅପେକ୍ଷାକରି ବିଶ୍ରାମ କରୁଥିବା ସ୍ଥାନରେ ଗାମୁଛାଟେ ପକେଇ, ଭୋକିଲା ପେଟରେ ହାଲିଆହୋଇ ଶୋଇବାର ବାହାନା କରୁଥିଲାବେଳେ ଚାରିଆଡ଼କୁ ନଜର ଥିଲା । ପାଠ ନ ହେଲେ କ'ଣ ହେଲା, ଚତୁରିଆ ଗୁଣ ଭିତରେ ଭର୍ତ୍ତିହୋଇ ରହିଥିଲା । ଦିନ ପାଖାପାଖି ୩ଟା ହେଲାଣି । ବାହାରେ ବୈଶାଖୀ ଖରାର ଉତ୍ତାପକୁ ପେଟରେ ଭୋକର ନିଆଁ ଜଳୁଥାଏ । ପାଖରେ ଜଣେ ସୁନ୍ଦରୀ ବଡ଼ଘର ସ୍ତ୍ରୀଲୋକ ପରି ଦିଶୁଥିବା ଭଦ୍ରମହିଳା ବସିଥିବା ବେଳେ ତାଙ୍କ ଭ୍ୟାନିଟିକୁ ଏଡ଼େ ବେଗି ଝାମ୍ପିନେଇ ଚମ୍ପଟ ମାରିଲେ ଯେ, ବିଚରା ଅପ୍ରସ୍ତୁତ ମହିଳା ବା ଆଉ କେହି ଧାଇଁଯାଇ ଧରିବା ସମ୍ଭବ ହେଲାନି ।

ଗୋଟାଏ ନିଛାଟିଆ ଜାଗା ଗଛ ଛାଇରେ ବସି ବ୍ୟାଗ୍ ଉଣ୍ଡାଳିବାରୁ ଦେଖିଲେ ୫ଶହ ଟଙ୍କିଆ ୧୦ଖଣ୍ଡ । ମାନେ ପୂରା ୫ହଜାର ଟଙ୍କା । ତା' ଛଡ଼ା କେଇଖଣ୍ଡ ୧୦୦ଟଙ୍କିଆ ସହ ଖୁଚୁରା ପଇସା, ଗୋଟେ ଓଜନିଆ ସୁନାମୁଦି, ଭଲ ସୁନାଚେନ୍ ବି ଅଛି । ବାସ୍ ! ହେଇଗଲା ଯୋଗାଡ଼ । ଗୋଟେ ଭଲ ହୋଟେଲରେ ପେଟେ ଖାଇଲା ପରେ ବିଲୁବାବୁଙ୍କୁ ଲାଗିଲା ଯେମିତି ବିଲରୁ ଅସୁମାରି ପାଚିଲା ଧାନ ଅମଳ କଲା ପରି । ମୁଣ୍ଡରୁ ବୁଦ୍ଧି କାଢ଼ି ଗୋଟେ ଗୋଦାମ ଦୋକାନରୁ କିଛି ଗୁଟୁଖା, ଜର୍ଦ୍ଦା, ଖଇନି, ଗୁଡ଼ାଖୁ, ବିଡ଼ି, ସିଗାରେଟ୍ ଭଳିଆ ଅତ୍ୟାବଶ୍ୟକ ଅଭ୍ୟାସଗତ ପୁଡିଆ ଖରିଦ କରିପକେଇଲେ ବାବୁ । ରେଳଷ୍ଟେଶନ ବାହାରେ ବୁଲି ବୁଲି ବିକିବା ଆରମ୍ଭ ହେଇଗଲା । ନା ଥିଲା ଦୋକାନ, ନା ଥିଲା ଘରଭଡ଼ା ଟେନ୍‌ସନ । ବରଂ ଏମିତିରେ ବିଲୁବାବୁଙ୍କ ବୁଲାବେପାରରେ ହେଲା ଭଲ ଅର୍ଥ ଉପାର୍ଜନ । ମୋଟା ଟଙ୍କା ହାତରେ ହେଲାପରେ ବେପାର ତରିକା ବଦଳିଲା । ବିଲୁରୁ ବିଲୁବାବୁ.. ବିଲୁବାବୁରୁ ଧୀରେ ବିଲାତି ବେହେରାଙ୍କୁ ନାମରେ ପ୍ରମୋସନ ହେଲା । ଏମିତି କମାଲ କଲେ ଯେ, ଅଳ୍ପ ମାଲ୍ ଧର, ଅଧିକ ଉପାର୍ଜନ କର ପଥକୁ ଆପଣେଇଲେ ବୁଦ୍ଧି ବଳରେ । ଠାକ ଠିକଣା ଜାଣି ଗଞ୍ଜେଇ, ଅଫିମ, ବ୍ରାଉନସୁଗାର ଭଳିଆ ଭଲ ଦାମିକା ଚିଜରେ ପୋଖତ ବେପାରୀ ବନିଗଲେ ବାବୁ ଆଦ୍ୟ ଯୌବନରେ । ବୁଦ୍ଧି ଖଟେଇ ସ୍ଥାନ-କାଳ-ପାତ୍ର ଦେଖି ବେଶ୍ ଭାଷା ବଦଳେଇ ବେପାର ଚଳେଇଲେ । ବାହାର ରାଇଜ ବିହାର ହେଉ କି କଲିକାତା.. ଯୋଉଠି ଯୋଉ ବେଶକୁ ସେମିତିଆ କଥା । କେତେବେଳେ ଭିକାରୀ ବେଶ ତ କେତେବେଳେ ସାହେବ ଡ୍ରେସ୍ । ନିଜେ ରହୁଥିବା କଲୋନିରେ ତାଙ୍କ ବାବୁବେଶ ଚଷମା, ସୁନା ମୋଟା ଚେନ୍ ମୁଦିପିନ୍ଧା ଦେଖି ଲୋକେ ଖାନ୍‌ଦାନିଆ ସାହେବ ବୋଲି ଭାବନ୍ତି । ହାତୀର ୨ପ୍ରକାର ଦାନ୍ତ ପରି ବାବୁଙ୍କ ବେପାର । ଜନେ ଜାଣିବାକୁ ବାବୁ ସହରରେ ପଚାଶ ସରିକି କ୍ୟାବିନ ଗଳିକନ୍ଦିରେ ପକେଇ ଭଡ଼ା ଟଙ୍କାରେ ଚଳନ୍ତି । କେତୁଟା ଟ୍ୟାକ୍ସି କିଣି ଟ୍ରାଭେଲରକୁ ଦେଇ ଭଲ ରୋଜଗାର କରନ୍ତି । ମାତ୍ର ହାତୀର ଅସଲ ଚୋବେଇବା ଦାନ୍ତ ଅଦେଖାରେ ପାଟି ଭିତରେ ଥିଲା ପରି ବିଲାତିବାବୁ କେତେଜଣ ବିଶ୍ୱାସୀ ସହଯୋଗୀ ଯୁବବନ୍ଧୁଙ୍କ ଦ୍ୱାରା ବଢ଼ିଆ ନିଶା କାରବାରକରି ନିଶମୋଡ଼ି ଚାଲନ୍ତି । ଏମିତିକି ଚୋରାକାଠ, ଚୋରାବାଲି ବେପାରର ଠୋସ୍ ପ୍ରମାଣ କେହି ପାଇପାରନ୍ତି ନାହିଁ ।

ସେ ଯାହାହେଉ, ବାବୁ ଜମା କୃପଣ ନୁହନ୍ତି । ଜାଗା ଦେଖି ଦାନକରନ୍ତି । ଶାବଳ ଚୋରିକରନ୍ତୁ ପଛକେ ଛୁଞ୍ଚି ଦାନଦେବାରେ କୁଣ୍ଠିତ ନୁହନ୍ତି । ବହୁ ଯୁବକ ସଂଘକୁ ଗୃହନିର୍ମାଣ ପାଇଁ ଦାନ, କ୍ରିକେଟ ଟିମ୍, କ୍ଲବ, ଅନେକ ଅନୁଷ୍ଠାନକୁ ଅକୁଣ୍ଠିତ ଦାନ ଅର୍ଥ ଦେଇ ଅନେକ ମାନପତ୍ର ପ୍ରାପ୍ତ ହୋଇଛନ୍ତି । ଆଜିକାଲିର ଆତ୍ମଘୋଷିତ ବାବା, ନେତା ପରି ଜମାରୁ ନୁହନ୍ତି । ତାଙ୍କୁ ଗରିବର ବନ୍ଧୁ, ମହାଦାନୀ, ଶ୍ରଦ୍ଧାବାନ୍ ବ୍ୟକ୍ତି, ବିଶିଷ୍ଟ ଜନସେବାକାରୀ ପରମ ସେବକ ଭଳି ପରିଚୟ ମାନ ସନମାନ ଏଇ ଉପରୋକ୍ତ ଅନୁଷ୍ଠାନ ତରଫରୁ ମଞ୍ଚରେ ମିଳିଛି । ସେଇସବୁ ସନମାନ ସମ୍ବୋଧିତ ପ୍ରଶଂସା ମାନପତ୍ରରେ ବାବୁ ରହୁଥିବା ଘର ଅଧାରୁ ଅଧିକ ସ୍ଥାନ ଭର୍ତ୍ତି ହେଇସାରିଲାଣି । ତାଙ୍କ ଯୁକ୍ତିହେଲା... ଯେଉଁ ଜିନିଷ ଉପରେ ଲୋକେ ଅଧିକ ନିର୍ଭରଶୀଳ, ଅଥଚ ବଜାରରୁ ସହଜରେ ପାଇପାରୁନାହାନ୍ତି, ସେଇଭଳି ବହୁମୂଲ୍ୟ ଦୁର୍ମୂଲ୍ୟ ଦ୍ରବ୍ୟକୁ ହୋମ୍ ଡେଲିଭରି କରି ତାଙ୍କ ହାତ ପାହାନ୍ତାରେ ସହଜରେ ମନ ଜାଣି ପହଞ୍ଚେଇପାରିଲେ ହିଁ ତାଙ୍କ ମନ ଜିଣିହୁଏ । ସେ ନିଶା ହେଉ କି ନାରୀ । ଆବଶ୍ୟକ କରୁଥିବା ଜନତାଙ୍କୁ ପ୍ରଦାନକରି, ଧନ ଅର୍ଜନେ ନାହିଁ ଦୋଷ । ସେପରି ସେବାରେ ସେମାନେ ଖୁସ୍.. ଧନ ସାଙ୍ଗେ ପୁଣ୍ୟ ମିଳେ ବରମାସ ।

ହେଲେ ଆଜି ଇଏ କ'ଣ ଆଖି ଦେଖୁଛି ! ବିଶିଷ୍ଟ ବରିଷ୍ଠ ଜନସେବକ ବିଲାତି ବେହେରାଙ୍କ ଭଳି ବ୍ୟକ୍ତିଙ୍କ ହାତରେ ହାତକଡ଼ି ପଡ଼ିଛି ! ମାଟିଆବେଶଧାରୀ ମାମୁମାନେ ସସନମାନେ ମାମୁଘର ନେଉଛନ୍ତି ଗାଡ଼ିରେ ବସେଇ ! ଶୁଣିବାକୁ ମିଳୁଛି, ବାବୁଙ୍କ ବହୁଦିନରୁ ଚାଲିଆସୁଥିବା ନିଶା କାରବାର, ନାରୀବେପାର ଚେର ଲମ୍ବିଛି କୁଆଡ଼େ ରାଇଜରୁ ରାଜ୍ୟ ବାହାର । ଏମିତି କର୍ତ୍ତବ୍ୟରତ ସେବାପରାୟଣ ସମାଜସେବୀଙ୍କ ପରିଚୟ ଜାଣିଲା ପରେ ମାମୁମାନେ କ'ଣ ଗାଡ଼ିରେ ନ ବସେଇ ଚଲେଇକି ନେଇ ଅପମାନିତ କରିଥାନ୍ତେ କି ? କିନ୍ତୁ ଏଇ ଖବର ପ୍ରସାରଣ ପରେ ପରଦିନ ତାଙ୍କ ଅନୁଚରଗଣ ଏହାକୁ ସମାଜସେବୀଙ୍କ ପ୍ରତି ଘୋର ଷଡ଼ଯନ୍ତ୍ର, ସମାଜ ପାଇଁ ଅପମାନ ବୋଲି କହି ବାଦବିବାଦ ଭିତରେ ପ୍ରତିବାଦକରି ସାମ୍ବାଦିକଙ୍କୁ ଓ ପ୍ରଶାସନକୁ ମନଇଚ୍ଛା ଗାଳିଦେଇ, ତାଙ୍କୁ ଅତିଶୀଘ୍ର ମୁକ୍ତକର.. ନଇଲେ ରାସ୍ତା ଉପରେ ଲଢ଼େଇ ହେବ.. ନିଆଁ ଜଳିବ ନାରାବାଜି କରୁଥିବାର ଶୁଣାଯାଉଛି । ଦାବି ଏଇଆ ଯେ ତାଙ୍କ ଭଳି ପରୋପକାରୀ ଜନସେବକଙ୍କୁ ଜାତୀୟ ସ୍ତରରେ ସମ୍ମାନିତ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରାଯାଉ ।

*- ମଙ୍ଗରାଜପୁର, ପୁରୀ, ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଆଧୁନିକ ଓଡିଆ ଗଳ୍ପରେ ନୃତାତ୍ତ୍ୱିକ ଉପାଦାନ

**ଡ.ପ୍ରଦୀପ କୁମାର ସ୍ୱାଇଁ**
**ପ୍ରକାଶକ-ବିଜୟିନୀ ପବ୍ଲିକେଶନ୍ସ**
**କଟକ, ମୂଲ୍ୟ-୧୫୦ଟଙ୍କା**

**ଆଧୁନିକ** ଓଡିଆ ଗଳ୍ପରେ ନୃତାତ୍ତ୍ୱିକ ଉପାଦାନ ଡ.ପ୍ରଦୀପ କୁମାର ସ୍ୱାଇଁଙ୍କ ପୁସ୍ତକ । ଏଥିରେ ୫ଟି ଅଧ୍ୟାୟ ଉପରେ ଆଲୋଚନା କରାଯାଇଛି । ଯେଉଁଗୁଡିକ ଗଳ୍ପ ଉପରେ ପର୍ଯ୍ୟବସିତ । ପ୍ରଥମରେ ବିଂଶ ଶତକର ଓଡ଼ିଆ ଗଳ୍ପ, ଓଡ଼ିଆ ଗଳ୍ପର ଗତି ଓ ପ୍ରକୃତି, ଓଡ଼ିଆ ଗଳ୍ପ ଆଲୋଚନାର ଅତୀତ ଓ ବର୍ତ୍ତମାନ, ଓଡ଼ିଆ ଗଳ୍ପରେ ନୃତାତ୍ତ୍ୱିକ ଅଧ୍ୟୟନ ଓ ଆଧୁନିକ ଓଡ଼ିଆ ଗଳ୍ପ ଓ ନୃତାତ୍ତ୍ୱିକ ବିଭବ ଆଦି ବିଷୟରେ ସୁନ୍ଦର ଭାବେ ଆଲୋଚନା କରାଯାଇଛି । ସାହିତ୍ୟ ସହିତ ନୃତତ୍ତ୍ୱର ସମ୍ପର୍କ ଅତ୍ୟନ୍ତ ଘନିଷ୍ଟ । ତେଣୁ ସାହିତ୍ୟର ନୃତାତ୍ତ୍ୱିକ ଦିଗଗୁଡିକୁ ଅଧ୍ୟୟନ କରିବା ଅପରିହାର୍ଯ୍ୟ । ଗବେଷକ ପ୍ରଦୀପ ଯେଉଁ ଚମତ୍କାର ଆଲୋଚନା ପୁସ୍ତକରେ କରିଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ।




### ଶବ୍ଦ ଛୁଆଁ

**ଶିବପ୍ରିୟା ମିଶ୍ର,**
**ପ୍ରକାଶକ-ବନଫୁଲ ପ୍ରକାଶନୀ**
**ଭୁବନେଶ୍ୱର, ମୂଲ୍ୟ-୧୩୫ଟଙ୍କା**

**ଶବ୍ଦ** ଛୁଆଁ ଶିବପ୍ରିୟା ମିଶ୍ରଙ୍କ କବିତା ପୁସ୍ତକ । ଏଥିରେ ୫୪ଟି କବିତା ପ୍ରକାଶ ପାଇଛି । ଯାହା ଜୀବନ ଧର୍ମୀ । ପ୍ରତିଦିନ ଆମେ ଅଙ୍ଗେ ନିଭାଉଥିବା ଘଟଣାକୁ କବୟିତ୍ରୀ ଚମତ୍କାର ଭାବେ କବିତା ମାଧ୍ୟମରେ ପ୍ରକାଶ କରିଛନ୍ତି । ଆସ, ଆମେ ଶବ୍ଦଙ୍କୁ/ ଠିକ୍‌ଠିକ୍ ଘୋଷେଇଦେବା/ଜୀବନର କ, ଖ, ଗ/ଜୀଇଁବା ପାଇଁ ଆୟୁଷଟେ/ ସଜ ହେଉଥିବ(ଶବ୍ଦ ଛୁଆଁ-ପୃଷ୍ଠା ୧୧) । ଭାବ ଓ ଶବ୍ଦର ବନ୍ଧନରେ ବାନ୍ଧି ହେବା ବେଳେ କବିତା କୁହେ ଜୀବନର କଥା । ସେହିଭଳି ଶେଷଗୀତ ହେଉ କିମ୍ବା ସତ୍ତ୍ୱାଧିକାର ହେଉ । ଯାହାକୁ ପଢିଲେ ଲାଗେ ସ୍ୱତନ୍ତ୍ର ଓ ନିଆରା । ପୁସ୍ତକଟି ପାଠକୀୟ ସ୍ୱୀକୃତିର ଆଶା ରଖେ ।




### ଶତାୟୁ ପୁରୁଷ ଯଶସ୍ୱୀ ଜଗନ୍ନାଥ

**ପ୍ରକାଶକ-ବେହେରା ଶ୍ରୀ ବିଭୁଦତ୍ତ ମହାପାତ୍ର**
**ବେହେରା ଶ୍ରୀ ଦେବଦତ୍ତ ମହାପାତ୍ର**
**କଟିଜଙ୍ଗା, ଏରସମା, ଜଗତ୍‌ସିଂହପୁର , ମୂଲ୍ୟ -୨୦୦ଟଙ୍କା**

**ଗାୟକ** ଶେଖର ଜଗନ୍ନାଥ ବେହେରାଙ୍କୁ ନେଇ ଶତାୟୁ ପୁରୁଷ ଯଶସ୍ୱୀ ଜଗନ୍ନାଥ ପୁସ୍ତକ ପ୍ରକାଶିତ ହୋଇଛି । ଏଥିରେ ବିଜ୍ଞ ବ୍ୟକ୍ତିବିଶେଷଙ୍କର ୪୭ଟି ଲେଖା ରହିଛି । ଜଗନ୍ନାଥ ବେହେରା ଓଡିଶାର ସାଂସ୍କୃତିକ ଜଗତରେ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ସେ ଏକାଧାରରେ ଜଣେ ପାଲା ଗାୟକ, ପ୍ରଚଣ୍ଡ ବାଗ୍ମୀ ଓ ବିଦ୍ୱାନ । ଅନେକ କ୍ଷେତ୍ରରେ ତାଙ୍କର ପ୍ରଜ୍ଞା ଓ ପାଣ୍ଡିତ୍ୟ ରହିଛି । ବେଦ ଉପନିଷଦଠାରୁ ଆରମ୍ଭ କରି ପୁରାଣ ଓ ସାହିତ୍ୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଜଗନ୍ନାଥଙ୍କ ପାରଦର୍ଶିତା କମ୍ ନୁହେଁ । ତେଣୁ ପୁସ୍ତକରେ ଜଗନ୍ନାଥ ବେହେରାଙ୍କ ଜୀବନର ଅନେକ ଦିଗକୁ ନେଇ ଚମତ୍କାର ଆଲୋଚନା କରାଯାଇଛି ।



# ବିଲୁଆ ହେବା ପାଇଁ ୧୮ ଲକ୍ଷ ଖର୍ଚ୍ଚ

ଜାପାନର ଜଣେ ଯୁବକଙ୍କୁ ପିଲାଦିନୁ ଜୀବଜନ୍ତୁ ବହୁତ ଭଲ ଲାଗୁଥିଲେ। ଟିଭିରେ ସେ ପ୍ରାଣୀଙ୍କୁ ନେଇ ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟକ୍ରମ ଦେଖୁଥିଲେ। ପ୍ରାଣୀଙ୍କ ନକଲ ବି କରୁଥିଲେ। ଆଉ ବହୁ ପୂର୍ବରୁ ନିଷ୍ପତ୍ତି ନେଇଥିଲେ ଯେ, ଦିନେ ସେ ଯେମିତି ବି ହେଉ ଏକ ପ୍ରାଣୀ ପରି ଦେଖାଯିବେ। ବଡ଼ ହେବା



ପରେ ସେ ଅନେକ ଷ୍ଟୁଡିଓ ଗଲେ ନିଜର ଫିଟିଙ୍ଗ ଓ ମାପ ଦେଇ ବିଲୁଆ ପୋଷାକ କରିବା ପାଇଁ। ଶେଷରେ ଗୋଟିଏ ଷ୍ଟୁଡିଓ ତାଙ୍କ ମନପସନ୍ଦର ବିଲୁଆ ପୋଷାକ କରିବା ଲାଗି ରାଜି ହୋଇଥିଲା। ୫୦ ଦିନରେ ସେହି ପୋଷାକ ପ୍ରସ୍ତୁତ ହୋଇଗଲା। ସେହି ପୋଷାକଟିର ସୂକ୍ଷ୍ମ କାରୁକାର୍ଯ୍ୟ ତାଙ୍କୁ ବେଶ୍ ପସନ୍ଦ ଆସିଥିଲା। ତାଙ୍କୁ ଯେଉଁଭଳି ପୋଷାକର ଆବଶ୍ୟକତା ଥିଲା ଠିକ୍ ସେହିଭଳି ପୋଷାକ ଷ୍ଟୁଡିଓ ତିଆରି କରିଥିଲା। ସେହି ପୋଷାକକୁ ପିନ୍ଧି ଯୁବକ ଜଣକ ଦର୍ପଣରେ ନିଜକୁ ଦେଖିଲା ପରେ ତାଙ୍କର ବହୁ ବର୍ଷର ସ୍ୱପ୍ନ ପୂରଣ ହୋଇଥିବା ଦେଖି ଖୁସିରେ ଆତ୍ମହରା ହୋଇଯାଇଥିଲେ। କାରଣ ପୋଷାକଟିର ଲୋମଶ ଶରୀର ସହ ଗୋଡ, ପଞ୍ଝା, ଆଖି, ନାକ ସବୁ କିଛିକୁ ଏତେ ନିଖୁଣଭାବେ ବିଲୁଆ ପରି କରାଯାଇଛି ଯେ, ତାକୁ ପିନ୍ଧି ସେ ସତସତିକା ବିଲୁଆ ପରି ଦେଖାଯାଉଥିଲେ। ହେଲେ ଏଥିପାଇଁ ତାଙ୍କୁ ୧୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରିବାକୁ ପଡିଛି। ତେବେ ପିଲାଦିନର ସ୍ୱପ୍ନ ପୂରଣ ହୋଇପାରିଥିବା ଯୋଗୁ ସେ ବେଶ୍ ଖୁସି ଅଛନ୍ତି।

ବ୍ୟାକ୍ ପେଜ୍







# ଦେଶୀ କ୍ରିକେଟ୍

ଆମ ଦେଶରେ କ୍ରିକେଟ୍ ପ୍ରେମୀ ପ୍ରାୟ ସବୁ ଘରେ ଅଛନ୍ତି। ପଡିଆକୁ ଖେଳାଳୀ ନିଜର ଜର୍ସି ପିନ୍ଧି, ହାତରେ ବ୍ୟାଟ୍ ଧରି ପହଞ୍ଚିଲେ କ୍ରିକେଟ୍ ପ୍ରେମୀଙ୍କ ହୃଦସ୍ପନ୍ଦନ ବଢିଯାଏ। ବ୍ୟାଟିଂ, ବଲିଂ, ଫିଲ୍ଡିଂ ଚାଲେ। ତା'ସହ ଚାଲେ ଇଂରାଜୀ, ହିନ୍ଦୀରେ କମେଣ୍ଟ୍ରି। ହେଲେ ନିକଟରେ ଆମ ଦେଶର ଭୋପାଳରେ ଏକ ଅଜବ କ୍ରିକେଟ ଟୁର୍ନାମେଣ୍ଟ ହୋଇଥିଲା, ଯାହାର ନାଁ ଥିଲା 'ମହର୍ଷି କପ୍'। ଏଥିରେ ଖେଳାଳୀମାନେ ଜର୍ସି ଓ ଲୋୟର୍ ପିନ୍ଧି ନ ଥିଲେ ବରଂ ପିନ୍ଧିଥିଲେ ଧୋତି–କୁର୍ତ୍ତା। ଅମ୍ପାୟର ବି ପିନ୍ଧିଥିଲେ ଧୋତି–କୁର୍ତ୍ତା। ତେବେ ସବୁଠୁ ବଡ଼ ଆଶ୍ଚର୍ଯ୍ୟର କଥା ଏହି ଟୁର୍ନାମେଣ୍ଟରେ କମେଣ୍ଟ୍ରି ହୋଇଥିଲା ସଂସ୍କୃତ ଭାଷାରେ। ଏହି ମ୍ୟାଚ୍ ହେଉଛି ଆମ ଦେଶର ପ୍ରଥମ ଅଜବ କ୍ରିକେଟ୍ ମ୍ୟାଚ୍। ମ୍ୟାଚ୍‌ରେ ଖେଳାଳୀ ଦେଶୀ ପୋଷାକ ପିନ୍ଧି ମଧ୍ୟ ବେଶ୍ ଆରାମ୍‌ରେ ଦୌଡାଦୌଡି କରି ଖେଳୁଥିଲେ। ଟୁର୍ନାମେଣ୍ଟଟି ଦେଖିବାକୁ ଅଜବ କିନ୍ତୁ ପୁରାପୁରି ଦେଶୀ ଓ ମନୋରଞ୍ଜନଭରା ଥିଲା। ତେଣୁ ଯେବେ ଏହି ଟୁର୍ନାମେଣ୍ଟର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ ହେଲା। ଲୋକେ ଚକିତ ହେବା ସହ ଭୁରି ଭୁରି ପ୍ରଶଂସା ବି କରିଥିଲେ। ଅନେକେ କମେଣ୍ଟ ଦେଇଥିଲେ ଉକ୍ତ ମ୍ୟାଚ୍ ଦ୍ୱାରା ସଂସ୍କୃତ ଭାଷାର ନିଶ୍ଚିତଭାବେ ପ୍ରଚାର ପ୍ରସାର ହେବ।

# କଖାରୁ ଡଙ୍ଗା

 କଖାରୁକୁ ରନ୍ଧାଯିବା ସହ ସେଥିରେ ବିଭିନ୍ନ କଳାକୃତୀ କରାଯାଉଥିବା କଥା ଜାଣିଥିବେ। ହେଲେ ଏଇ କଖାରୁରେ ଯେ ଡଙ୍ଗା କରିହେବ, ତାହା ଅନେକେ ଜାଣି ନ ଥିବେ। କଖାରୁ ଡଙ୍ଗାରେ ବସି, ଚପୁ ଚଲାଇ ପାଣିରେ ବହୁ ଦୂର ଯାଇ ଜଣେ ବ୍ୟକ୍ତି ରେକର୍ଡ ବି କରିଛନ୍ତି। ଡୁଆନେ ହାନଶେନ୍ ନାମକ ଏହି ବ୍ୟକ୍ତି ଜଣକ ୬୦ ବର୍ଷ ବୟସରେ ପଦାର୍ପଣ କରିବାର ପରଦିନ ଏକ ଆଡଭେଞ୍ଚର୍ସ କାମ କରିବାକୁ ଚାହୁଁଥିଲେ। ତେଣୁ ସେ ଏକ ବଡ କଖାରୁର ଭିତରକୁ କୋରି ତାକୁ ଡଙ୍ଗାର ରୂପ ଦେଇ ତା'ଭିତରେ ବସି ଚପୁ ଚଳାଇ ମିସୌରି ନଦୀରେ ୩୭.୫୦ ମାଇଲ୍ ବାଟ ଯାଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ। ଏହାପୂର୍ବରୁ ନର୍ଥ ଡକୋଟାର ରିକ୍ ସ୍ୱେନସନ୍ କଖାରୁ ଡଙ୍ଗାରେ ୨୫.୫ ମାଇଲ୍ ଯାଇ ରେକର୍ଡ କରିଥିଲେ। ଡୁଆନେ ସେହି ରେକର୍ଡକୁ କାଟି ନୂଆ ରେକର୍ଡ କରିବାରେ ସଫଳ ହେଲେ।

